# ସମସ୍ୟାଘେରରେ ଭଦ୍ରକ କଲେଜ

■ଛାତ୍ରୀଛାତ୍ରଙ୍କ ତୁଳନାରେ ନାହାନ୍ତି ଅଧ୍ୟାପକ
■ଖାଲି ପଡ଼ିଛି ବିଭିନ୍ନ ପଦବୀ

ଭଦ୍ରକ,୨୧।୪(ସନାତନ ରାଉତ)




ଭଦ୍ରକ କଲେଜ ପ୍ରତିଷ୍ଠାକୁ ୭୬ ବର୍ଷ ବିତିଯାଇଥିଲେ ମଧ୍ୟ ବହୁ ପ୍ରତିଷ୍ଠିତ ଏହି ପୁରାତନ ମହାବିଦ୍ୟାଳୟ ଏବେ ସମସ୍ୟାଘେରରେ। ସରକାରୀ ଅବହେଳା ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି ପୁରାତନ ଶିକ୍ଷାନୁଷ୍ଠାନ ଗାରିମା ହରାଇବାକୁ ଯାଉଛି। ମୁଖ୍ୟତଃ କଲେଜର ଛାତ୍ରୀଛାତ୍ରଙ୍କ ତୁଳନାରେ ଆବଶ୍ୟକ ଅଧ୍ୟାପକ ନାହାନ୍ତି। ଏହାବ୍ୟତୀତ ବିଭିନ୍ନ ପଦବୀ ଖାଲିପଡ଼ିଛି। ଶୈକ୍ଷିକ ବାତାବରଣକୁ ଦୃଷ୍ଟିରେ ରଖି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ କରାଯିବା ସହ ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ହେଲେ ବିଶ୍ୱବିଦ୍ୟାଳୟ ଘୋଷଣା କରାଯାଉ ନାହିଁ।

ଏବେ ଯୁକ୍ତ ୨ଠାରୁ ଆରମ୍ଭ କରି ୫୧ଟି ବିଭାଗରେ ପିଜି ଶ୍ରେଣୀ ଚାଲିଛି। ପ୍ରାୟ ୮ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଶିକ୍ଷାଦାନ ପାଇଁ ମାତ୍ର ୮୫ଜଣ ଅଧ୍ୟାପକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୪୧ଜଣ ସ୍ଥାୟୀ ଅଧ୍ୟାପକ ହୋଇଥିବା ବେଳେ ଗେଷ୍ଟ ଫାକ୍ଲ୍ଟି ୩୯ଜଣ ଅଛନ୍ତି। ଛାତ୍ରୀଛାତ୍ର ଅନୁସାରେ ୧୩୦ ଅଧ୍ୟାପକ ରହିବା କଥା। ସବୁଠାରୁ ପରିତାପର ବିଷୟ ପିଜି ବିଭାଗ ରହିଥିଲେ ମଧ୍ୟ ପିଜି ପାଠ ପଢ଼ାଇବାକୁ ଜଣେ ହେଲେ ଅଧ୍ୟାପକ ନ ଥିବାରୁ ୟୁଜିରେ ନିଯୁକ୍ତ ଅଧ୍ୟାପକମାନେ ୟୁଜି ସହ ପିଜି କ୍ଲାସ୍ ନେଉଛନ୍ତି। କଲେଜ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାଶଙ୍କ ସୂଚନା ଅନୁଯାୟୀ, ଯୁକ୍ତ ୨ରେ ୨୫୦୦ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ସ୍ନାତକ ଓ ସ୍ନାତକୋତ୍ତରରେ ୫୫୦୦ ଛାତ୍ରୀଛାତ୍ର ପଢୁଛନ୍ତି। ସେହିପରି ଟିଚିଂ ଷ୍ଟାଫ୍ ଓ ନନ୍‌ଟିଚିଂ ଷ୍ଟାଫ୍‌ଙ୍କୁ ନେଇ ମଧ୍ୟ ସମସ୍ୟା ରହିଛି। କଲେଜର ମୁଖ୍ୟ କିରାଣି ଏବଂ ହିସାବ ସଂରକ୍ଷକ ପଦବୀ ଖାଲି ପଡ଼ିଥିବା ଯୋଗୁ ଅଧ୍ୟାପକମାନଙ୍କୁ ଅଧିକାଂଶ ସମୟରେ କ୍ଲର୍କ ଓ ଆକାଉଣ୍ଟାଣ୍ଟ କାମ କରିବାକୁ ପଡୁଛି। ଏହାବ୍ୟତୀତ ପିଅନ, ୱାଚ୍‌ମ୍ୟାନ୍, ସୁଇପର୍, ଲାବ୍ରୋଟରୀ ଆଟେଣ୍ଡାଣ୍ଟ, ଲାଇବ୍ରେରୀ ଆଟେଣ୍ଡାଣ୍ଟ ଭଳି ବିଭିନ୍ନ ପଦବୀ ଖାଲିପଡ଼ିଛି। ଯାହାଦ୍ୱାରା ଲାଇବ୍ରେରୀ ଓ ବିଜ୍ଞାନଗାରାଗୁଡ଼ିକରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏନେଇ ଏକାଧିକବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଅବସ୍ଥା ସୁଧୁରି ନାହିଁ। ସେହିପରି କଲେଜର ପାଚେରି ନ ଥିବାରୁ ପ୍ରତ୍ୟେହ ସନ୍ଧ୍ୟାରେ ଅସାମାଜିକ ଯୁବକଙ୍କ ଅବାଧ ପ୍ରବେଶ ସାଙ୍ଗକୁ ସେମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି। କଲେଜକୁ ଯିବା ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ରାସ୍ତା ଜାମ୍ ରହୁଛି ବୋଲି ଅଧ୍ୟକ୍ଷ ଡ. ଦାଶ କହିଛନ୍ତି। ଅନ୍ୟପକ୍ଷେ ସରକାର ପରିବର୍ତ୍ତନ ପରେ ମୁଖ୍ୟ ଦାବି ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଆଶା ପୂରଣ ହେବ ବୋଲି ଜିଲାବାସୀ ଆଶା ବାନ୍ଧିଛନ୍ତି। ଗତ ନିର୍ବାଚନ ସମୟରେ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ସହ ଏହି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯିବ ବୋଲି ଭାଜପା ପକ୍ଷରୁ ବିଭିନ୍ନ ସଭାମଞ୍ଚରେ ପ୍ରତିଶ୍ରୁତି ମିଳିଥିଲା। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଉଚ୍ଚଶିକ୍ଷା ମନ୍ତ୍ରୀ ହୋଇଥିବାରୁ ଜିଲାବାସୀଙ୍କ ଆଶା ପୂରଣ ହେବ ବୋଲି ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ବିବାହ ଶୋଭାଯାତ୍ରାରୁ ୨ ଡିଜେ ଜବତ

ତିହିଡ଼ି,୨୧।୪ (ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ନୂଆନନ୍ଦ ପଞ୍ଚାୟତର ହାଟୁଆରିରେ ଡିଜେ ପାଇଁ ୨ଯୁବକଙ୍କ ମୃତ୍ୟୁ ଘଟିବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଥାନା ଅଧୀନ ଗୁଆମାଳ ଓ ଅମୃତପୁରରେ ରବିବାର ରାତିରେ ବିବାହ ଶୋଭାଯାତ୍ରାରୁ ୨ଟି ଡିଜେକୁ ପୋଲିସ ଜବତ କରିଛି। ଅମୃତପୁରରେ ସନ୍ଧ୍ୟା ୭ଟା ଓ ଗୁଆମାଳରେ ରାତି ୯ଟା ବେଳେ ବିବାହ ଶୋଭାଯାତ୍ରାରେ ଡିଜେ ବାଜୁଥିବା ଖବରପାଇ ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ୨ ଶୋଭାଯାତ୍ରାରୁ ଦୁଇଟି ଡିଜେକୁ ପୋଲିସ ଜବତ କରି ଥାନାକୁ ନେଇଛି।

ସୂଚନାଯୋଗ୍ୟ, ପଣା ସଂକ୍ରାନ୍ତି ରାତିରେ ହାଟୁଆରି ଛକରେ ପାଟୁଆ ଶୋଭାଯାତ୍ରା ଚାଲିଥିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଡିଜେ ଆସିବାରୁ ୨ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଡିଜେ ଉପରେ କଟକଣା ଲାଗୁ ହୋଇଥିବା ବେଳେ ପ୍ରଶାସନର କୋହଳ ମନୋଭାବ ଯୋଗୁ ବିଭିନ୍ନ ସମୟରେ ଡିଜେ ବାଜି ଚାଲିଥିଲା। ଏପରିକି କୌଣସି ଉତ୍ସବ ସମୟରେ ଡିଜେ ବାଜିବା ନେଇ ପ୍ରତିଯୋଗିତା ମଧ୍ୟ ଚାଲିଥିଲା। ଏହାଦ୍ୱାରା ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଇବା ସହ ବହୁ ଲୋକ କ୍ଷତିଗ୍ରସ୍ତ ହେଉଥିଲେ। ଡିଜେ ଉପରେ ଥିବା କଟକଣା ସମ୍ପର୍କରେ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଗଲେ ଡିଜେ ବାଜିବା ବନ୍ଦ ହୁଅନ୍ତା ବୋଲି ମତପ୍ରକାଶ ପାଇଛି।

### କାଳବୈଶାଖୀ ପ୍ରଭାବ: ଘର ଉପରେ ଉପୁଡ଼ି ପଡ଼ିଲା ଗଛ

ବନ୍ତ,୨୧।୪(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକରେ ରବିବାର ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ନିଲୋକ ପଞ୍ଚାୟତ ପଳାସଗଡିଆ ଗ୍ରାମରେ ଏକ ବିରାଟକାୟ ଗଛ ଘର ଉପରେ ଉପୁଡ଼ି ପଡ଼ିଛି। ଗ୍ରାମର ନାରାୟଣ ସାହୁଙ୍କ ଘର ଆଗରେ ପଶ୍ଚିମା ଠାକୁରାଣୀଙ୍କ ବେଢ଼ା ନିକଟରେ ଥିବା ଏକ ବିରାଟକାୟ ତେନ୍ତୁଳି ଗଛ ଉପୁଡ଼ି ପଡ଼ିଥିଲା। ଫଳରେ ଠାକୁରାଣୀଙ୍କ ବେଢ଼ା ସହ ନାରାୟଣଙ୍କ ଘର ଭାଙ୍ଗି ଯାଇଛି। ସୋମବାର ସକାଳେ ଆଗରପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ଉକ୍ତ ଗଛକୁ କାଟି ସଫା କରାଯାଇଛି।

# ଅନୁପ୍ରବେଶ ବନ୍ଦ କରିବାକୁ ଦାବି

ଭଦ୍ରକ,୨୧।୪(ସନାତନ ରାଉତ)

ଅନୁପ୍ରବେଶକାରୀଙ୍କ ପ୍ରବେଶ ଯୋଗୁ ଦେଶରେ ହିଂସାକାଣ୍ଡ ଓ ଗଣ୍ଡଗୋଳ ଘଟୁଛି। ଭଦ୍ରକରେ ମଧ୍ୟ ଗତ କିଛିଦିନ ଧରି ବିଭିନ୍ନ ଘଟଣାକୁ କେନ୍ଦ୍ରକରି ଦେଶର ବିଭିନ୍ନ ସ୍ଥାନରେ ଆକ୍ରମଣ ଓ ହିଂସାକାଣ୍ଡ ଘଟୁଛି। ଭଦ୍ରକ ଏକ ଉପକୂଳବର୍ତ୍ତୀ ଜିଲା ହୋଇଥିବାରୁ ଅନୁପ୍ରବେଶକାରୀଙ୍କ ଯୋଗୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ଆଶଙ୍କା ଥିବାରୁ ଅନୁପ୍ରବେଶ ବନ୍ଦ କରିବାକୁ ଭଦ୍ରକ ହିନ୍ଦୁ ସମାଜ ପକ୍ଷରୁ ସୋମବାର ମଧ୍ୟାହ୍ନରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଷ୍ଟ୍ର ବିରୋଧୀମାନେ ଏପରି ଆକ୍ରମଣ କରୁଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି। ପୂର୍ବରୁ ମଣିପୁର ଏବେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଭଳି ଘଟଣାରେ ବେଆଇନ ଭାବେ ପ୍ରବେଶ କରିଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସମ୍ପୃକ୍ତି ଥିବା ସୂଚନା ମିଳିଛି। ଏମାନଙ୍କ ବେଆଇନ କାର୍ଯ୍ୟକଳାପ ଯୋଗୁ ସାମାଜିକ ସଦ୍‌ଭାବନା ନଷ୍ଟ ହେଉଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଭଦ୍ରକରେ ଅନୁପ୍ରବେଶ କରି ବିଭିନ୍ନ ସ୍ଥାନରେ ବସବାସ କରୁଥିବା ବାଂଲାଦେଶୀଙ୍କୁ ଠାବ କରିବା, ସାମୁଦ୍ରିକ ତଟବାହିନୀକୁ ସୁଦୃଢ଼ କରିବା, ଅନୁପ୍ରବେଶକାରୀମାନେ ହାତେଇଥିବା ଆଧାର ଓ ଭୋଟର ପରିଚୟ ପତ୍ର ଯାଞ୍ଚ କରି ବାତିଲ କରିବା ଓ ଅନୁପ୍ରବେଶ ଉପରେ ରୋକ୍ ଲଗାଇବାକୁ ଦାବି କରାଯାଇଛି। ହିନ୍ଦୁ ସମାଜ ପକ୍ଷରୁ ଭୀମ ଚରଣ ବେହେରା, ବରିଷ୍ଠ ଉପଦେଷ୍ଟା ବିଜୟ ଭୂଷଣ ନାୟକ, ଶ୍ରୀରାମ ସେନା ସଙ୍ଗଠନର ହରିହର ଚାନ୍ଦ, ଉପଦେଷ୍ଟା ଜ୍ଞାନପ୍ରକାଶ ପାଣି, ଟୁକୁନା ସ୍ୱାଇଁ, ଏବିଭିପିର ଜିଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ବିଶ୍ୱ ହିନ୍ଦୁ ପରିଷଦର ଦେବାଶିଷ ଗ୍ରହାଚାର୍ଯ୍ୟ, ଭାଜପାର ପୂର୍ବତନ ନଗର ସଭାପତି ବିକାଶ ପାଢ଼ୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସାମାଜିକ ଗଣମାଧ୍ୟମ ପ୍ରମୁଖ ରବିନାରାୟଣ ସାହୁ ପ୍ରମୁଖ ଏ ସମ୍ପର୍କରେ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ।

# ଏନ୍‌ଏସିର ସାଧାରଣ ପରିଷଦ ବୈଠକ




ବୈଠକରେ ବିଧାୟକ ବ୍ୟୋମକେଶ ରାୟ ଓ ଅନ୍ୟମାନେ।

ଚାନ୍ଦବାଲି,୨୧।୪(କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସିର ୫ମ ସାଧାରଣ ପରିଷଦ ବୈଠକ ସୋମବାର ଏନ୍‌ଏସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ଭଦ୍ରକ ଏମ୍‌ପିଙ୍କ ପ୍ରତିନିଧି କମଳାକାନ୍ତ ସୂତାର ଯୋଗ ଦେଇଥିଲେ। ପ୍ରାୟ ଦେଢ଼ ବର୍ଷ ପରେ ଅନୁଷ୍ଠିତ ଏହି ବୈଠକ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଷ୍ଟ୍ରିଟଲାଇଟ, ବିଭିନ୍ନ ୱାର୍ଡରେ ମୁକୁଳା ପଡ଼ିଥିବା ଡ୍ରେନ୍ ସମସ୍ୟା, ଆବାସ ଯୋଜନା ଆଦି ସମସ୍ୟା ଉପରେ ସମସ୍ତ ୧୫ ୱାର୍ଡର ପାରିଷଦଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏନ୍‌ଏସିକୁ କେମିତି ଅଧିକ ଅନୁଦାନ ରାଶି ଆସିପାରିବ ସେନେଇ ବିଧାୟକ, ଏମ୍‌ପିଙ୍କ ପ୍ରତିନିଧିଙ୍କ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି ରଖିଥିଲେ। ଗଠନମୂଳକ କାର୍ଯ୍ୟ ଉପରେ ସମସ୍ତ ପାରିଷଦ ଏକ ମତ ହୋଇ କାର୍ଯ୍ୟ କରିବେ ବୋଲି କହିଥିଲେ। ଏଥିରେ ମୋଟ ୨୧ଟି ନୂତନ କାର୍ଯ୍ୟାଦେଶ ଗୃହୀତ ହୋଇଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀ, ଏଇଇ ପ୍ରଭାତ ସାହୁ, ପାରିଷଦ ଚନ୍ଦନ ରାଉତ, ଶୀତ ମହାଲିକ, ଆନନ୍ଦ ବେହେରା, ଅମର ସେଠୀ, ଅମେନ୍ଦ୍ର ସାହୁ, ଶାଦିଆ ସେହେରାଜ, ବାସନ୍ତୀ ନାୟକ, ସବିତା ମହାଲିକ, ରେବତୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ହନୁମାନ ମନ୍ଦିରର ବାର୍ଷିକ ମହୋତ୍ସବ

ଧାମନଗର, ୨୧।୪ (ଦେବେନ୍ଦ୍ର ଆଚ୍ଛିଆ)

ଧାମନଗର ବ୍ଲକ ସଠଗାଁସ୍ଥିତ ଗେଙ୍ଗୁଟି ନଦୀ କୂଳରେ ଥିବା ହନୁମାନ ମନ୍ଦିରର ତୃତୀୟ ବାର୍ଷିକ ମହୋତ୍ସବ ଓ ବ୍ରହ୍ମାଣ୍ଡ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପରମାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଶ୍ରୀ ହନୁମାନ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ପୂଜା କାର୍ଯ୍ୟ ହୋଇଥିଲା। ତିନିଦିନ ଧରି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶନିବାର ୧୦୮ ମହାବୀରଙ୍କ ଆହୁତି ଓ ଅପରାହ୍ନରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ବୈତରଣୀ ନଦୀରେ ସାହି ସ୍ନାନ ପରେ ସନ୍ଥ ସମ୍ମିଳନୀ ହୋଇ ପରେ ଏକ ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା। କର୍ତ୍ତାକର୍ତ୍ତା ଭାବେ ଶଶିକାନ୍ତ ବେହେରା ଓ ଜୁଲି ବେହେରା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ସୋମେଶ୍ୱର ଶତପଥୀ, ସନ୍ତୋଷ କର, ମଗୁଲି ଚରଣ ପଣ୍ଡା, ଭାଗବତ ପଣ୍ଡା, ପ୍ରଶାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଯଜ୍ଞ ଓ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁମାନେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ କରିଥିଲେ। ତ୍ରିଲୋଚନ ବେହେରା, ନାରାୟଣ ଚନ୍ଦ୍ର ଦାଶ, ବାମଦେବ ଜେନା, ରମେଶ ବେହେରା ପ୍ରମୁଖ ଗ୍ରାମବାସୀଙ୍କ ସମେତ ସଠଗାଁ, ବିରୋଳି, ଦେହୁଡ଼ି ଆନନ୍ଦପୁର ଗ୍ରାମର ଶ୍ରଦ୍ଧାଳୁମାନେ ସହଯୋଗ କରିଥିଲେ।

# ଜବତ ଗାଡ଼ି, ବାଲିରେ ଭର୍ତ୍ତି ଥାନା ପରିସର



ଭଣ୍ଡାରିପୋଖରୀ ଥାନା ପରିସରରେ ରହିଥିବା ବାଲି ଓ ଜବତ ଗାଡ଼ି।

ଭଣ୍ଡାରିପୋଖରୀ,୨୧।୪(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ପରିସର ଜବତ ଗାଡ଼ିରେ ଭର୍ତ୍ତି ହୋଇଛି। ପ୍ରତିଦିନ ଜବତ ଗାଡ଼ି ସଂଖ୍ୟା ବୃଦ୍ଧି ପାଉଛି। ବିଶେଷ କରି ଜବତ ହୋଇଥିବା ବଡ଼ ଟ୍ରକ୍, ହାଇୱା ଭଳି ଭାରିଯାନ ସହ ଟ୍ରାକ୍ଟର ଆଦି ଯାନ ଥାନାର କ୍ଷୁଦ୍ର ପରିସରକୁ ଆଚ୍ଛାଦିତ କରି ପକାଇଛି। ଜବତ ଗାଡ଼ି ବ୍ୟତୀତ ବହୁଳ ମାତ୍ରାରେ ଜବତ ହେଉଥିବା ବାଲି ମଧ୍ୟ ଥାନା ପରିସରରେ ଭର୍ତ୍ତି ହୋଇଛି। ଜବତ ଗାଡ଼ିଗୁଡ଼ିକ ଥାନାରୁ ଖଲାସ ହେବା ସମୟରେ ବାଲି ଢାଳି ଦେଇ ଯାଉଥିବାରୁ ଥାନା ପରିସରରେ ବାଲି ପଡ଼ିରହୁଛି। କାରଣ ଜବତ ବାଲି ବୋଝେଇ ଗାଡ଼ି ଖଲାସ ପାଇଁ କୋର୍ଟଠାରୁ ପାଉଥିବା ନିର୍ଦ୍ଦେଶରେ ବୋଝେଇ ହୋଇଥିବା ବାଲି ନେବାକୁ ବାରଣ ରହିଛି। ଫଳରେ ଗାଡ଼ିଗୁଡ଼ିକ ଥାନା ଛାଡ଼ିବା ସମୟରେ ବାଲି ଢାଳିଦେଇ ଯାଉଥିବାରୁ ଦିନକୁ ଦିନ ବାଲି ପରିମାଣ ବୃଦ୍ଧି ପାଉଥିବା ଚିନ୍ତାଜନକ ହୋଇଛି। ଏହି ସମସ୍ୟା ଦୂର ପାଇଁ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଜନଶୁଣାଣି ଶିବିରରେ ୧୧୨ ଅଭିଯୋଗ

ବାସୁଦେବପୁର/ସାବରଙ୍ଗ, ୨୧।୪(ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ)

ବାସୁଦେବପୁର ବ୍ଲକ ନୀଳମଣି ଟାଉନହଲ୍ ପରିସରରେ ସୋମବାର ସକାଳ ୭ଟାରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୧୨ଟି ଅଭିଯୋଗ ଆଗତ ହୋଇଥିଲା। ସେଥିମଧ୍ୟରୁ ୭୩ଟି ବ୍ୟକ୍ତିଗତ, ୩୩ଟି ସାମୂହିକ ଓ ୬ଟି ରେଡ୍‌କ୍ରସ ସମ୍ବନ୍ଧୀୟ ଅଭିଯୋଗ ଥିଲା। ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଶିବିରରେ ଯୋଗଦେଇ ସମସ୍ତ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ରାସ୍ତା, ସରକାରୀ ଜାଗା, ସ୍କୁଲ ଜାଗାରୁ ଜବରଦଖଲ ଉଚ୍ଛେଦ, ଡାକ୍ତରଖାନାଗୁଡ଼ିକର ମୌଳିକ ସମସ୍ୟା ସମାଧାନ, ରାଶନ କାର୍ଡ ସମସ୍ୟାର ସମାଧାନ ପାଇଁ ବହୁ ଅଭିଯୋଗ ଆସିଥିଲା। ବାସୁଦେବପୁର ମୁଖ୍ୟ ସହରର ଟ୍ରାଫିକ ସମସ୍ୟାର ସମାଧାନ ଓ ରାସ୍ତାକଡ଼ରେ ଅଟକି ରହୁଥିବା ଗାଡ଼ିକୁ ହଟାଇବା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଚଳିତ ମାସ ଆରମ୍ଭରୁ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିବା ପାଇଁ ଅନ୍‌ଲାଇନରେ ସ୍ଲଟ୍ ବୁକିଂ ପାଇଁ ଜିଲାପାଳଙ୍କ ପକ୍ଷରୁ ସମସ୍ତ ବିଡିଓ, ତହସିଲଦାର, ପୌର ଓ ଏନ୍‌ଏସି ଅଧିକାରୀମାନଙ୍କୁ ଚିଠି କରାଯାଇଥିଲା। କିନ୍ତୁ ଏହାର ପ୍ରଚାର, ପ୍ରସାର ଅଭାବ ଓ ଜନଶୁଣାଣି ପୋର୍ଟାଲ ବିଷୟରେ ଲୋକଙ୍କୁ ସଚେତନ କରାଯାଉ ନ ଥିବାରୁ ଏହି ଶିବିରରେ ୧୧୨ଟି ଅଭିଯୋଗରୁ ମାତ୍ର ୫ଟି ଅଭିଯୋଗ ଅନ୍‌ଲାଇନରେ ପଞ୍ଜୀକରଣ ହୋଇଥିବା ଦେଖାଯାଇଛି। ବିଧାୟକ ଅଶୋକ କୁମାର ଦାସ, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ବଳ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀଙ୍କ ସମେତ ଜିଲା ଓ ବ୍ଲକସ୍ତରର ବିଭିନ୍ନ ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ।

# କୋଇଲା ବୋଝେଇ ଗାଡ଼ି ଅଟକାଇବାକୁ ନିଷ୍ପତ୍ତି

## ପରିବହନକୁ ନେଇ ବିବାଦ

ସାବରଙ୍ଗ,୨୧।୪(କାଳିପଦ ରାୟ)

ବାସୁଦେବପୁର ବ୍ଲକର ବାଲିମୁଣ୍ଡା ମା' ତାରିଣୀ ଟ୍ରକ୍ ମାଲିକ ସଂଘକୁ କୋଇଲା ପରିବହନ କ୍ଷେତ୍ରରେ ଅଣଦେଖା କରାଯାଉଥିବା ନେଇ ଟ୍ରକ୍ ମାଲିକ ସଂଘ ବାରମ୍ବାର ଧାରଣାରେ ବସିବା ସହ ଅନଶନ କରିଆସୁଥିଲା। ପରବର୍ତ୍ତୀ ସମୟରେ ପ୍ରଶାସନର ହସ୍ତକ୍ଷେପ ପରେ ବାଲିମୁଣ୍ଡା ସଂଘକୁ ୧.୬ ପ୍ରତିଶତ କୋଇଲା ପରିବହନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୧ ବର୍ଷ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିଥିଲା। ହେଲେ ଚଳିତବର୍ଷ ଫେବୃଆରୀ ୨୭ ପରେ ୧.୬ ପ୍ରତିଶତ ବଦଳରେ ୧ ପ୍ରତିଶତ କୋଇଲା ପରିବହନ କରିବା ପାଇଁ କଇଥଖୋଲା ଟ୍ରକ୍ ମାଲିକ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏହାକୁ ବିରୋଧ କରି ତାରିଣୀ ଟ୍ରକ୍ ମାଲିକ ସଂଘର ସଭାପତି ସୁରେଶ ଚନ୍ଦ୍ର ବିଶ୍ୱାଳ ଓ ଅନ୍ୟ କର୍ମକର୍ତ୍ତାମାନେ ସୋମବାରଠାରୁ ଅନ୍ୟ ସଂଘର କୋଇଲାଗାଡ଼ିକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପୂର୍ବାହ୍ନ ୧୦ଟାଠାରୁ ସଂଘର କର୍ମକର୍ତ୍ତାମାନେ ବାଲିମୁଣ୍ଡା ବଜାରଠାରେ ଏକାଠି ହୋଇଛନ୍ତି। କୋଇଲା ବୋଝେଇ ଗାଡ଼ି ଆସିଲେ ଅଟକ ରଖାଯିବ ବୋଲି କର୍ମକର୍ତ୍ତା ମାନେ ନିଷ୍ପତ୍ତି ନେଇଛନ୍ତି। ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ପୋଲିସ ମୁତୟନ ଥିବା ନାୟକାଣିଡିହୀ ଥାନାଧିକାରୀ ରାଜଲକ୍ଷ୍ମୀ ନାୟକ କହିଛନ୍ତି।

# 'ଜନଚେତନା, ଗଣ ସଂଗ୍ରାମର ଚାରଣ କବି ଥିଲେ ବାଞ୍ଛାନିଧି ମହାନ୍ତି'

## ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ

ଭଦ୍ରକ,୨୧।୪(ସନାତନ ରାଉତ/ରବିନାରାୟଣ ଖିଲାର)



କବି ନିରାକାର ଦାସଙ୍କୁ ସମ୍ମାନିତ କରାଯାଉଛି।

ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ କବିତା ସାଧାରଣ ଲୋକଙ୍କୁ ଜାତୀୟତା ମନ୍ତ୍ରରେ ଉଦ୍‌ବୋଧ କରି ବିପ୍ଳବ ପାଇଁ ସଙ୍ଗଠିତ କରୁଥିଲା। ସେ ଜନଚେତନା ଓ ଗଣସଂଗ୍ରାମର ଚାରଣ କବି ଥିଲେ ବୋଲି ରବିବାର ସନ୍ଧ୍ୟାରେ ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜାତୀୟ କବି ବାଞ୍ଛାନିଧି ସ୍ମୃତି ପରିଷଦ, ଭଦ୍ରକ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ଡା. ଦୁର୍ଯ୍ୟୋଧନ ଦାସ ପୌରୋହିତ୍ୟ କରିଥିଲେ। ବରେଣ୍ୟ ଅତିଥି ଡ. ଶଶଧର ଦାସ, ଅନ୍ୟତମ ଅତିଥି ଡ. ରବୀନ୍ଦ୍ର ବିହାରୀ, ମୁଖ୍ୟବକ୍ତା ଭାବେ କଥାକାର ପବିତ୍ର ପାଣିଗ୍ରାହୀ ଓ ନିରାକାର ଦାସ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଗତିଶୀଳ କବି ନିରାକାର ଦାସଙ୍କୁ ବାଞ୍ଛାନିଧି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅମିତାଭ ଖିଲାର ମାନପତ୍ର ପାଠ କରିଥିଲେ। କବି ପୂର୍ଣ୍ଣଚନ୍ଦ୍ର ବହଳୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ମୃତି ପରିଷଦର ସହସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ଭଦ୍ରକ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ କବିଙ୍କ ରଚିତ ଦେଶପ୍ରେମ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଯୋଗ ଦେଇଥିଲେ।

# ଆଖଣ୍ଡଳମଣିଙ୍କୁ ଜଳଲାଗି କଲେ ଗୋପାଳଭକ୍ତ

## ବୈଶାଖର ୨ୟ ସୋମବାର

ଧୁଷୁରୀ,୨୧।୪ (ଦୀପ୍ତିରଞ୍ଜନ ନାୟକ)



ଆରଡ଼ି ଆଖଣ୍ଡଳମଣି ପୀଠରେ ଜଳଲାଗି କରାଯାଉଛି।

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିରେ ବୈଶାଖ ମାସର ୨ୟ ସୋମବାରରେ ଶତାଧିକ ଗୋପାଳ ଭକ୍ତ ବାବା ଆଖଣ୍ଡଳମଣିଙ୍କୁ ଜଳଲାଗି କରିଛନ୍ତି। ପରମ୍ପରା ଅନୁସାରେ ଗୋପାଳ ଭକ୍ତମାନେ ଏକ ମାସ ଧରି ବ୍ରତ ରଖିବା ସହ ବୈତରଣୀ ଓ ସାଳନ୍ଦୀ ନଦୀରୁ ଜଳଭାର ଧରି ବାବାଙ୍କ ପାଖକୁ ଆସି ମନ୍ଦିର ବେଢ଼ାରେ ଲମ୍ବାଧାଡ଼ିରେ ଛିଡ଼ା ହୋଇଥିଲେ। ଭୋର ୪ଟାରେ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି ସହ ଘର୍ଷଣଲାଗି, ବାଲ୍ୟଭୋଗ କରାଯିବା ପରେ ମଣିବାବାଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଇଥିଲା ଓ ସାଧାରଣ ଭକ୍ତଙ୍କୁ ଦର୍ଶନ କରିବାର ସୁଯୋଗ ଦିଆଯାଇଥିଲା। ପରେ ସକାଳ ୬ଟାରୁ ଗୋପାଳ ଭକ୍ତମାନେ ଧାଡ଼ିରେ ମନ୍ଦିର ଗର୍ଭଗୃହକୁ ଯାଇ ଜଳଲାଗି କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ଧୁଷୁରୀ ଓ ଆରଡ଼ି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆରଡ଼ି ଫାଣ୍ଡି ଅଧିକାରୀ ଅଭିମନ୍ୟୁ ଦାସ ଓ ପୋଲିସ କର୍ମଚାରୀ ନିୟୋଜିତ ରହି ଭିଡ଼ ନିୟନ୍ତ୍ରଣ କରିଥିଲେ।

# 'ଜୀବନକୁ ସଂସ୍କାରିତ କରିଥାଏ ପ୍ରକୃତ ଶିକ୍ଷା'

## ବାର୍ଷିକୋତ୍ସବରେ ନୂତନ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ବର୍ଦ୍ଧିତ

ତିହିଡ଼ି,୨୧।୪ (ସଞ୍ଜିତ ବଳ)



ବୈଷ୍ଣବାନନ୍ଦ ଉଚ୍ଚ ବିଦ୍ୟାପୀଠର ବାର୍ଷିକୋତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଶିକ୍ଷକ।

ଶିକ୍ଷାର ମୂଲ୍ୟବୋଧ ସବୁ ସମୟରେ ରହିଛି। ପ୍ରକୃତ ଶିକ୍ଷା ଜୀବନକୁ ସଂସ୍କାରିତ କରିଥାଏ ବୋଲି ବୈଷ୍ଣବାନନ୍ଦ ଉଚ୍ଚ ବିଦ୍ୟାପୀଠର ୪୦ତମ ବାର୍ଷିକୋତ୍ସବ ତଥା ପ୍ରତିଷ୍ଠାତା ସ୍ୱର୍ଗତ ବୈଷ୍ଣବାନନ୍ଦ ମହାନ୍ତିଙ୍କ ୧୩୦ତମ ଜୟନ୍ତୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତିହିଡ଼ି ବ୍ଲକ ହରସିଂହପୁର ପଞ୍ଚାୟତର ବାରବାଟିଆସ୍ଥିତ ଏହି ବିଦ୍ୟାପୀଠର ବାର୍ଷିକୋତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଡା.ବିଚିତ୍ରାନନ୍ଦ ମିଶ୍ର ଓ ମୁଖ୍ୟବକ୍ତା ବରିଷ୍ଠ କଥାକାର ଡ. ଲକ୍ଷ୍ମୀଧର ତ୍ରିପାଠୀ ଯୋଗଦେଇ ଶିକ୍ଷା ହିଁ ଠିକ୍ ମାର୍ଗ ଚୟନରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ବରେଣ୍ୟ ଅତିଥି ଭାବେ ସରପଞ୍ଚ ଅଜୟ କୁମାର ମହାନ୍ତି, ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି, ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ପ୍ରତିଷ୍ଠାତା ସଦସ୍ୟ ସୁବ୍ରତ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପାଢ଼ୀ, ପଞ୍ଚସଖା ଶିକ୍ଷା ନିକେତନ ସଭାପତି ବୈଜୟନ୍ତ ପାଢ଼ୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟଅତିଥି, ମୁଖ୍ୟବକ୍ତାଙ୍କ ସମେତ ବିଦ୍ୟାପୀଠରେ ନୂତନ ଭାବେ ଯୋଗ ଦେଇଥିବା ୬ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ପାଲ ପୌରୋହିତ୍ୟ ଓ ଶିକ୍ଷାବିତ୍ ବିଜୟ କେତନ ମହାନ୍ତି ସଞ୍ଚାଳନ କରିଥିଲେ। ଶିକ୍ଷକ ଉମାକାନ୍ତ ଖଣ୍ଡାୟୀ ଧନ୍ୟବାଦ ଦେଇଥିଲେ। ଚିନ୍ମୟୀ ରାଉତ, ଆରତି ମାଝୀ, ପ୍ରୀତିଲତା ନାୟକ, ଅବିନାଶ ପାଢ଼ୀ, ଅଜୟ ହେମ୍ବ୍ରମ, ରୌସାନ ସୁଲତାନା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସଂକ୍ଷେପରେ

### ଭାଜପା ନେତାଙ୍କ ସ୍ମୃତିସଭା

ବଞ୍ଚୋ,୨୧।୪(ପ୍ରଦୋଷ ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ସଂଲଗ୍ନ ବଞ୍ଚୋ ଗ୍ରାମର ବରିଷ୍ଠ ଭାଜପା ନେତା ଯତୀନ୍ଦ୍ର ବିଶ୍ୱାଳଙ୍କ ଏକାଦଶରେ ସ୍ମୃତିସଭା ସୋମବାର ପୂର୍ବାହ୍ନ ୧୧ଟାରେ ତାଙ୍କ ବାସଭବନଠାରେ ଅନୁଷ୍ଠିତ ହେଇଯାଇଛି। ଭାଜପା ନେତା ବିଚିତ୍ର ଚକ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଓଡ଼ିଶା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ, ସମ୍ମାନିତ ଅତିଥିଭାବେ ଆନନ୍ଦପୁର କଲେଜର ପୂର୍ବତନ ଛାତ୍ରନେତା ବୃନ୍ଦାବନ ଷଡ଼ଙ୍ଗୀ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅମର ଆତ୍ମା ଶାନ୍ତି ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ରାଉତ, ଶିକ୍ଷାବିତ୍ ମଧୁସୂଦନ ରାଉତ, କମଳ ଲୋଚନ ବିଶ୍ୱାଳ, ସୁଶାନ୍ତ ବିଶ୍ୱାଳ, କୃଷ୍ଣ ରାଉତ, ରମେଶ ବିଶ୍ୱାଳ, ଆନନ୍ଦପୁର ପ୍ରେସ୍ କ୍ଲବ୍ ସାଧାରଣ ସମ୍ପାଦକ ସନ୍ତୋଷ ରାଉତ, ସରୋଜ ପରିଡ଼ା, ସତ୍ୟଜିତ୍ ସାହୁ, ଛାତ୍ରନେତା କୃଷ୍ଣଚନ୍ଦ୍ର ରଣା, ଜ୍ଞାନରଞ୍ଜନ ସାମନ୍ତସିଂହାର, ହରମୋହନ ସାସିନ, ଶଶିକାନ୍ତ ରାଉତ, ଦୁର୍ଯ୍ୟୋଧନ ସେଠୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିବାରର ପ୍ରମୁଖ ପଞ୍ଚାନନ ବିଶ୍ୱାଳଙ୍କ ସମେତ ପୁଅ, ପୁତୁରା ପ୍ରଭାତ ବିଶ୍ୱାଳ, ପ୍ରକାଶ ବିଶ୍ୱାଳ ପରିଚାଳନା କରିଥିଲେ। ଶେଷରେ ଭାଇ ଭୀମସେନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଧାକୃଷ୍ଣ ମନ୍ଦିରରେ ଚବିଶ ପ୍ରହର ନାମଯଜ୍ଞ

ଯୋଡ଼ା,୨୧।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା ରାଧାକୃଷ୍ଣ ମନ୍ଦିରରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ଉଦ୍‌ଯାପିତ ହୋଇଯାଇଥିବା ବେଳେ ପୂଜକ ଗୋପବନ୍ଧୁ ଦାସ ପୂଜାପାଠ କରିଥିଲେ। ଝାଡ଼ଖଣ୍ଡର ରୁଲାଡିହି, ମୟୂରଭଞ୍ଜର ପୁରୁଣିଆ, ଜାମଦା, ଜାମବେଡିଆ, ଗୋରୁଲ ଓ ଭୀମପୁର ଅଞ୍ଚଳର ସଙ୍କୀର୍ତ୍ତନ ମଣ୍ଡଳୀ ଆସି ରାଧାକୃଷ୍ଣ ମନ୍ଦିରରେ ଚବିଶ ପ୍ରହର ନାମ ସଙ୍କୀର୍ତ୍ତନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସାମଲ, ଶରତ ଚନ୍ଦ୍ର ମହାନ୍ତି, ଦୁଷ୍ମନ୍ତ ମହାପାତ୍ର, ଗତିକୃଷ୍ଣ ମହାପାତ୍ର, ହେମନ୍ତ ମହାପାତ୍ର, ବିଭୂତି ପୃଷ୍ଟି, ମନ୍ମଥ ବିହାରୀ, କୀର୍ତ୍ତନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସ୍ଥାନ ବଦଳିଲା, ସମସ୍ୟା ସୁଧୁରିଲାନି

ଯୋଡ଼ା,୨୧।୪(ମାନସ ମହାନ୍ତି)

- ବ୍ୟବସ୍ଥା ନ କରି ସ୍ଥାନାନ୍ତର
- ଖରାରେ ହନ୍ତସନ୍ତ ବ୍ୟବସାୟୀ

କେନ୍ଦୁଝର ଜିଲା ଯୋଡ଼ା ସହର ପୁରୁଣା ଥାନା ନିକଟରୁ କଲ୍ୟାଣମଣ୍ଡପ ପର୍ଯ୍ୟନ୍ତ ମୁକ୍ତ ଆକାଶ ତଳେ ପୌରସଂସ୍ଥା ପକ୍ଷରୁ ବ୍ୟବସାୟୀଙ୍କୁ ବସାଯାଇଛି। ମାତ୍ର କୌଣସି ବ୍ୟବସ୍ଥା ନ କରି ପୁରୁଣା ସ୍ଥାନରୁ ତରବରିଆ ଭାବେ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହେଉଛି। ଫଳରେ ବ୍ୟବସାୟୀ ମୁଣ୍ଡଫଟା ଖରାରେ ବସି ବ୍ୟବସାୟୀ କରୁଛନ୍ତି। ଏପରିକି ସ୍ଥାନ ବଦଳିବା ପରେ ବି ପୂର୍ବଭଳି ଟ୍ରାଫିକ ସମସ୍ୟା ଦେଖାଯାଉଛି। ଅବ୍ୟବସ୍ଥା କାରଣରୁ ବ୍ୟବସାୟୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି।

ପ୍ରକାଶ ଯେ, ପୂର୍ବରୁ ବ୍ୟବସାୟୀମାନେ ଫ୍ଲାଏ ଓଭର, ଯୋଡ଼ା ପୋଷ୍ଟ ଅଫିସ ନିକଟ ଓ ଦିପୁ ହଟିଂ ଗଳିରେ ବ୍ୟବସାୟ କରୁଥିଲେ। ଯାନବାହାନ ଯାତାୟାତ ଫଳରେ ରାସ୍ତାରେ ଟ୍ରାଫିକ ଜାମ ହେବାରୁ ସେମାନଙ୍କୁ ଉଠାଇଦିଆଗଲା। ସହରର



ପୁରୁଣା ଥାନା-କଲ୍ୟାଣମଣ୍ଡପ ରାସ୍ତା।

ପୁରୁଣା ଥାନା ନିକଟରୁ କଲ୍ୟାଣମଣ୍ଡପ ପର୍ଯ୍ୟନ୍ତ ଉଠା ପରିବା ବ୍ୟବସାୟୀଙ୍କ ପାଇଁ ପୌରପାଳିକା ସ୍ଥାନ ନିରୂପଣ କରାଯାଇଥିଲା। ସେଠାରେ ବ୍ୟବସାୟ କରିବାକୁ ଗତ ସପ୍ତାହଠାରୁ ନିର୍ଦ୍ଦେଶନାମା ଜାରି ହୋଇଛି। ମାତ୍ର କୌଣସି ସୁ-ବ୍ୟବସ୍ଥା ନ କରି ତରବରିଆଭାବେ ସ୍ଥାନାନ୍ତରିତ କରାଗଲା। ଅଧୁନା ଯେଉଁଠାରେ ବସୁଛନ୍ତି ସେଠାରେ ମଧ୍ୟ ଚଉଡ଼ା ରାସ୍ତା ନାହିଁ। ଅହରହ ଗାଡ଼ି ଯାତାୟାତ କରୁଛି। ଏଥିସହ ପ୍ରଚଣ୍ଡ ରୌଦ୍ରତାପ ସେମାନଙ୍କ ପାଇଁ ଦାଉ ସାଜୁଛି। ୪୦ ଡିଗ୍ରୀ ତାପମାତ୍ରାରେ ବ୍ୟବସାୟୀ ଉହଳବିକଳ ହେଉଛନ୍ତି। ନାରଦପୁର, ଭଣ୍ଡା, ଚମ୍ପୁଆ, ରୀମୁଳି, ପର୍ଶଳା, କଣ୍ଡରା, ଝୁମ୍ପୁରା ପ୍ରଭୃତି ସ୍ଥାନରୁ ପନିପରିବା ନେଇ ଆସୁଥିବା ମହିଳା, ପୁରୁଷମାନେ ମୁଣ୍ଡରେ ରୁମାଲ, ଗାମୁଛା ହାତରେ ଛତା ଧରି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ବରିଷ୍ଠ ନାଗରିକ ତଥା ବରିଷ୍ଠ ସମ୍ପାଦକ ଶିରିସ ଚନ୍ଦ୍ର ମହାନ୍ତି କହିଛନ୍ତି, ଏହା ଏକ ଅମାନବୀୟ କାର୍ଯ୍ୟ। ସର୍ବାଧିକ ରାଜସ୍ୱ ଦେଉଥିବା ଯୋଡ଼ା ସହରରେ ପୌରପାଳିକା ବ୍ୟବସାୟୀଙ୍କ ପାଇଁ ସ୍ଥାୟୀ ବ୍ୟବସ୍ଥା କରିପାରୁନାହିଁ। ସେହିପରି ଯୋଡ଼ାର ବ୍ୟବସାୟୀ ରାଜେଶ ମୋହତା କହିଛନ୍ତି, ପାନୀୟ ଜଳ, ଅସ୍ଥାୟୀ ଛାଉଣୀ କରି ପୌରପାଳିକା ବ୍ୟବସାୟୀଙ୍କ ପାଇଁ ବ୍ୟବସ୍ଥା କରୁ। ରାସ୍ତାଟିକୁ ପ୍ରଶାସନ ପକ୍ଷରୁ ୱାନ-ୱେ ଟ୍ରାଫିକ ଘୋଷଣା କରାଯାଉ। ଫଳରେ ଟ୍ରାଫିକ ସମସ୍ୟା ରହିବ ନାହିଁ। ଯୋଡ଼ା ପୌରାଧ୍ୟକ୍ଷ ଡ. ଜଗଦୀଶ ପ୍ରସାଦ ସାହୁ କହିଛନ୍ତି, ସ୍ଥାନ ନିରୂପଣ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବଶୀଘ୍ର ପଦକ୍ଷେପ ନିଆଯିବ। ପାନୀୟ ଜଳର ବ୍ୟବସ୍ଥା ମଧ୍ୟ କରାଯାଇଛି।

## ଇପିଏଫ୍ ପେନ୍‌ସନର୍ସ ସଂଘର ଜିଲା ସମ୍ମିଳନୀ

କେନ୍ଦୁଝର,୨୧।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶାରେ ଥିବା ୨.୨୦ ଲକ୍ଷ ଇପିଏଫ୍ ପେନ୍‌ସନର୍ସ ଭୋଗୀ ବରିଷ୍ଠ ନାଗରିକଙ୍କୁ ପ୍ରତିନିଧିତ୍ୱ କରୁଥିବା ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏଶନର କେନ୍ଦୁଝର ଶାଖାର ଜିଲା ସମ୍ମିଳନୀ ରବିବାର ପୂର୍ବାହ୍ନ ୧୧ଟାରେ କେନ୍ଦୁଝର ନଗର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସ୍ୟାମସୁନ୍ଦର ନାଏକଙ୍କ ଅଧ୍ୟକ୍ଷତାରେ ଜିଲାର ଶତାଧିକ ପ୍ରତିନିଧି ଯୋଗଦେଇଥିଲେ। ଇପିଏଫ୍ ପେନ୍‌ସନ ଭୋଗୀଙ୍କ ସର୍ବଭାରତୀୟ ସଂଗଠନର ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଜିଲା ସମ୍ପାଦକ ରମେଶ ଚନ୍ଦ୍ର ଘଡ଼େଇ, ପ୍ରଫୁଲ୍ଲ ଦାସ, ବିକ୍ରମ ଛୋଟରାଏ, ସରୋଜକାନ୍ତ ମଲ୍ଲିକ, ଉର୍ବସୀ ମିଶ୍ର ପ୍ରମୁଖ ଇପିଏଫ ପେନ୍‌ସନ ଭୋଗୀଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସର୍ବନିମ୍ନ ପେନ୍‌ସନ ୯୦୦୦ ଟଙ୍କାକୁ ବୃଦ୍ଧି କରିବା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନ୍‌ସନ, ଦରଦାମ ବୃଦ୍ଧିର ଭରଣା ପାଇଁ ପେନ୍‌ସନ ସହ ମହଙ୍ଗା ଭତ୍ତା ଦେବା ଆଦି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଶେଷରେ ୨୦୨୫-୨୮ ବର୍ଷ ଲାଗି କର୍ମକର୍ତ୍ତା ନିର୍ବାଚନ ସର୍ବସମ୍ମତି କ୍ରମେ ହୋଇଥିଲା। ସଭାପତିଭାବେ ସ୍ୟାମ ସୁନ୍ଦର ନାଏକ, ସମ୍ପାଦକ ରମେଶ ଚନ୍ଦ୍ର ଘଡ଼େଇ, କୋଷାଧ୍ୟକ୍ଷ ମହମ୍ମଦ ଗାଲିବ, ସଂଗଠନ ସମ୍ପାଦକ ପ୍ରଫୁଲ୍ଲ ମିଶ୍ର, ଉପସଭାପତି ଇଶ୍ୱର ଚନ୍ଦ୍ର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ଦୁଃଶାସନ ରାଜ, କାର୍ଯ୍ୟକାରୀ କମିଟି ସଦସ୍ୟ ଗଣନାଥ କର, ସୂର୍ଯ୍ୟନାରାୟଣ ପତ୍ନାର, ପ୍ରମୋଦ ସ୍ୱାଇଁ, ସୁଶାନ୍ତ ରାଉତ, ପ୍ରସନ୍ନ ପରିଜା, ବ୍ରଜ କିଶୋର ଓଝା, ବ୍ରଜ ମୋହନ ମାହନ୍ତ, ଅଳକା ବାରିକ ଓ କଳ୍ପନା ବେହେରା ମନୋନୀତ ହୋଇଥିଲେ।

## ଓରାଳି-ଶାଳଣିଆଁ ରାସ୍ତା ଖାଲଖମାରେ ଭର୍ତ୍ତି



ରାସ୍ତାରେ ସୃଷ୍ଟି ଖାଲରେ ପାଣି ଜମିଛି।

ଛେନାପଦି,୨୧।୪(ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଓରାଳି-ଶାଳଣିଆଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରକ୍ଷଣାବେକ୍ଷଣ, ମରାମତି ଅଭାବରୁ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ରାସ୍ତାଟି ହାଟଡ଼ିହୀ ବ୍ଲକ୍‌ର ଏକ ପ୍ରମୁଖ ରାସ୍ତାଭାବେ ପରିଗଣିତ ହେଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ରାସ୍ତା ଉପରେ ଓରାଳି, କଳିଗାଁ, ଅଁରା, ଶାଳଣିଆଁ, ଗେଡ଼ମା, ଡଅଁର, ଆଇଡିପୁର, ସଡ଼ଙ୍ଗ ପ୍ରଭୃତି ପଞ୍ଚାୟତର ୪୦ ହଜାରରୁ ଅଧିକ ଲୋକ ନିର୍ଭର କରିଥାନ୍ତି। ଗତ ୬ ବର୍ଷ ପୂର୍ବେ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ଭାରିଯାନ ଚଳାଚଳ ଯୋଗୁ ରାସ୍ତାଟି ଅଳ୍ପଦିନରେ ନଷ୍ଟ ହୋଇ ଖାଲଖମାରେ ଭର୍ତ୍ତି ହୋଇଛି। ଲୋକମାନେ ଯାତାୟାତ ବେଳେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଏ ନେଇ ବାରମ୍ବାର ଖବର ପ୍ରକାଶ ପରେ ପୂର୍ତ୍ତବିଭାଗ ଖାଲଗୁଡ଼ିକ ପୋତିଥିଲା। ମାତ୍ର ତାହା ଦିନ କେଇଟା ଭିତରେ ଉଠିଯାଇଛି। ଏବେ ପୁଣି ମାର୍ଚ୍ଚରେ କେତେକ ସ୍ଥାନରେ ପିଚୁ ହୋଇଥିବା ବେଳେ ଆଉ କିଛି ରାସ୍ତାରେ ଡଷ୍ଟ ପକାଯାଇଥିଲା। ମାତ୍ର ଏକ ମାସ ହୋଇନି ପୂର୍ବ ଅବସ୍ଥା ହୋଇଯାଇଛି। ଏମିତିକି ଓରାଳି, କଳିଗାଁ, କଇଥଗଡିଆ, ଶାଳକଣିଆଁ, ଶାଳଣିଆଁ ନିକଟରେ ଖାଲଖମା ସୃଷ୍ଟି ହୋଇ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି। ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ କେଲୁଚରଣ ଦଳେଇଙ୍କ ମତାମତ ନିମନ୍ତେ ଯୋଗାଯୋଗ କରାଯାଇଥିବା ବେଳେ ସେ ଫୋନ ଉଠାଇ ନ ଥିଲେ।

## କଣ୍ଟେନରରୁ ଚାଳକଙ୍କ ମୃତଦେହ ଜବତ

କେନ୍ଦୁଝର,୨୧।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଶୁଆକାଟି ଫାଣ୍ଡି ନିକଟ ୪୯ ନମ୍ବର ଜାତୀୟ ରାଜପଥ ତେନ୍ତୁଳି ରାସ୍ତାକଡ଼ରେ ଛିଡା ହୋଇଥିବା ଏକ କଣ୍ଟେନରରୁ ଚାଳକଙ୍କ ମୃତଦେହ ଜବତ ହୋଇଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେ ଝାଡ଼ଖଣ୍ଡ ଅଞ୍ଚଳର ବୋଲି ଜଣାପଡ଼ିଛି। କଣ୍ଟେନର(ନଂ. ଏନ୍‌ଏଲ ୦୧ ଏଇ ୫୧୮୦) ରାସ୍ତାଗଡ଼ରେ ଛିଡ଼ା ହୋଇଥିଲା। ଗାଡ଼ି ଭିତରେ ଥିବା ଏକ ପାଣି ବାଲ୍‌ଟି ଭିତରେ ଚାଳକ ମୁଣ୍ଡଗୁଞ୍ଜି ରହିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ସୋମବାର ପରିବାର ଲୋକେ ପହଞ୍ଚିବା ପରେ ଶୁଆକାଟି ଫାଣ୍ଡି ଅଧିକାରୀ ସୁରିନାରାୟଣ ପାତ୍ର ପହଞ୍ଚି ମୃତଦେହ ଜବତ କରିଥିଲେ। ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ଜନଜାତି ଜୀବିକା ମିଶନରୁ ଚାଷୀ ବଞ୍ଚିତ

### ଉପଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ



ଚମ୍ପୁଆ,୨୧।୪(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ସମନ୍ୱିତ ଆଦିବାସୀ ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନରୁ ଚାଷୀ ବଞ୍ଚିତ ହୋଇଛି। ଏ ନେଇ ସୋମବାର ମଧ୍ୟାହ୍ନ ୧୨ଟାରେ ଚମ୍ପୁଆ ଏନ୍‌ଏସିର ୧ ନମ୍ବର ୱାର୍ଡର ଚାଷୀ ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ଜନଜାତି ମିଶନ ଯୋଜନାରେ ଆଦିବାସୀ ଚାଷୀଙ୍କୁ ସାମିଲ କରି ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାକୁ ପ୍ରୟାସ କରିଛନ୍ତି। ଆର୍ଥିକ ସହାୟତା, ଜମିହୀନ ଚାଷୀଙ୍କୁ ଛେଳି, କୁକୁଡ଼ା ପ୍ରଦାନ ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କୁ ବିହନ, ସାର ଓ ଜଳସେଚନ ପାଇଁ ପମ୍ପସେଟ୍ ସହିତ ଚାଷ ଉପକରଣ ଯୋଗାଇ ଦିଆଯାଉଛି। ମାତ୍ର ପ୍ରାୟ ୯୮ଭାଗ ଆଦିବାସୀ ଲୋକ ବସବାସ କରୁଥିବା ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡର ଚାଷୀ ଯୋଜନାରେ ସାମିଲ ହୋଇପାରିନାହାନ୍ତି। ଯୋଜନାରୁ ବଞ୍ଚିତ ଚାଷୀ ସୋମବାର ଚମ୍ପୁଆ ଉପଜିଲାପାଳ କାର୍ଯ୍ୟାଳୟରେ ସହକାରୀ ଜିଲାପାଳ ସୁଜିତ କୁମାର ସ୍ୱାଇଁଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସହକାରୀ ଜିଲାପାଳ ସ୍ୱାଇଁ ସମସ୍ୟା ବିଷୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଚମ୍ପୁଆକୁ ଅବଗତ କରିଛନ୍ତି। କିପରି ଏବଂ କେଉଁ ପରିସ୍ଥିତିରେ ବଞ୍ଚିତ ଜନଜାତି ଚାଷୀ ଯୋଜନାରେ ସାମିଲ ହୋଇପାରିବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ରୋଟାରୀ କ୍ଲବ୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣରଙ୍କ ଜିଲା ଶାଖା ପରିଦର୍ଶନ

କେନ୍ଦୁଝର,୨୧।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ରୋଟାରୀ କ୍ଲବ୍ କେନ୍ଦୁଝର ଶାଖାକୁ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ଯାଜ୍ଞଶିଷ୍ ମହାପାତ୍ର ଓ ତାଙ୍କ ସହଧର୍ମିଣୀ ଇତୁନ ମହାପାତ୍ର ରବିବାର ସନ୍ଧ୍ୟା ୭ଟାରେ ପରିଦର୍ଶନ କରିଛନ୍ତି। ତାଙ୍କ ସହ ନିହାରିକା ମିଶ୍ର, ରୋଟାରିଆନ ଧର୍ମେନ୍ଦ୍ର ଅଗ୍ରୱାଲ, ରୋଟାରିଆନ ଶିବବ୍ରତ ଗସ୍ତ କରିଥିଲେ। ଏହି ଅବସରରେ କେନ୍ଦୁଝର ଶାଖାର ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ଅଡିଟୋରିୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୋନାଶିକା ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦୁଝର ନର୍ସିଂ କଲେଜ, ସିଟିଜ କଲେଜ, ଇନ୍ଦ୍ରଧନୁ ପରିବାର ତଥା ଆଞ୍ଚଳିକ କଳାକାରମାନେ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ଡା. ପ୍ରଫୁଲଚନ୍ଦ୍ର ଦାଶ, ସବିତା ଦାଶ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଡ଼ା.ଚିତ୍ତରଞ୍ଜନ ମିଶ୍ର, ନୃସିଂହ ଚରଣ ସ୍ୱାଇଁଙ୍କୁ ରୋଟାରୀ କ୍ଲବ୍ କେନ୍ଦୁଝର ଶାଖା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋନାଶିକା ଗ୍ରୁପର ମୁଖ୍ୟ ରାଜଶ୍ରୀ ଖଟୋଇଙ୍କ ଦ୍ୱାରା ମୁଦ୍ରିତ ଏକ ସ୍ମରଣିକାକୁ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ଜଣେ ଗରିବ ଉଚ୍ଚ ଶିକ୍ଷିତ ଯୁବକଙ୍କୁ ଏକ ସ୍ୱାବଲମ୍ବୀ ଠେଲା ଗାଡି ପ୍ରଦାନ କରାଯାଇଛି। ସହରର ଉପକଣ୍ଠ ଗୋବିନ୍ଦପୁରଠାରେ ପଥଚାରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ନୂତନ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ତତ୍ ସହିତ କେନ୍ଦୁଝରର ଲାବଣ୍ୟ ଛକଠାରେ ଥିବା ଏକ ପେଟ୍ରୋଲ ପମ୍ପରେ କେନ୍ଦୁଝର ସହର ଓ ତା' ନିକଟସ୍ଥ ଗୁରୁତର ରୋଗୀଙ୍କୁ (ଅକ୍ସିଜେନ ଆବଶ୍ୟକ ଥିବା ସ୍ଥଳେ)ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏକ ଅକ୍ସିଜେନ ସିଲିଣ୍ଡର ବ୍ୟାଙ୍କର ଉଦ୍‌ଘାଟନ କରାଯାଇଛି। ପ୍ରିୟଦର୍ଶିନୀ ପଟ୍ଟନାୟକ, ଇଂ. ସୁରେଶଚନ୍ଦ୍ର ଖଟୋଇ ଓ ଇଂ.ଦେବବ୍ରତ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ରୋଟାରୀଆନ ଅଶ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶୋଭାଯାତ୍ରା

କେନ୍ଦୁଝର,୨୧।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ପଶ୍ଚିମବଙ୍ଗର ମୁର୍ଶୀଦାବାଦରେ କିଛିଦିନ ପୂର୍ବରୁ ହିନ୍ଦୁଙ୍କ ଉପରେ ହୋଇଥିବା ଅମାନୁଷିକ ଆକ୍ରମଣକୁ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦୁଝର ଜିଲା ପକ୍ଷରୁ ବିରୋଧ କରାଯାଇଛି। ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ଦାବି କରି ସୋମବାର ମଧ୍ୟାହ୍ନ ୧୨ଟାରେ ସହରର କାଳୀପଡ଼ିଆ ନିକଟରୁ ଏକ ଶୋଭାଯାତ୍ରା କରାଯାଇଛି। କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି ତୁଷାରକାନ୍ତ ସାମନ୍ତଙ୍କ ନେତୃତ୍ୱରେ ବିଭାଗ ସମ୍ପାଦକ ଘନଶ୍ୟାମ ମହାନ୍ତ, ସମ୍ପାଦକ ସପ୍ନେଶର ସାହୁ, ସହ ସମ୍ପାଦକ କେଦାରନାଥ ଦାଶ, ନଗର ସମ୍ପାଦକ ସୁବ୍ରତ ମହାନ୍ତି, ଦୁର୍ଯ୍ୟୋଧନ ମହାନ୍ତ, କାର୍ତ୍ତିକ ମହାନ୍ତି, ରଞ୍ଜନ ସାହୁ ପ୍ରମୁଖଙ୍କ ବିକ୍ଷୋଭରେ ସାମିଲ ହୋଇଥିଲେ। ଜିଲା ଭାଜପା ସଭାପତି ଶୁକଦେବ ମହନ୍ତ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୟୂରଭଞ୍ଜ ବିଭାଗ ପ୍ରଚାରକ ତପନ ନାୟକ, ଦେବରାଜ ଆଚାର୍ଯ୍ୟ ପ୍ରମୁଖଙ୍କ ସହିତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦୁଝର ଜିଲାରେ ବେଆଇନ ଭାବେ ରହୁଥିବା ବଙ୍ଗଳାଦେଶୀଙ୍କୁ ଚିହ୍ନଟ କରିବାକୁ ବିଶ୍ୱହିନ୍ଦୁ ପରିଷଦ ଦାବି କରିଥିବା ସହ ସମ୍ପାଦକ କେଦାରନାଥ ଦାଶ କହିଛନ୍ତି।

## ବାଙ୍ଗିରିପୋଷି ବ୍ଲକ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

ବାଙ୍ଗିରିପୋଷି,୨୧।୪(ସଞ୍ଜୟ କୁମାର ଅଗ୍ରୱାଲା)

ବାଙ୍ଗିରିପୋଷି ବ୍ଲକ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି । ବ୍ଲକ ସମ୍ପାଦକ ବିକାଶ କୁମାର ପଣ୍ଡାଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ତାଙ୍କୁ ଜିଲା ସହ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଆଗାମୀ ୩ ବର୍ଷ ପାଇଁ ବାଙ୍ଗିରିପୋଷି ବ୍ଲକ ଓଷ୍ଟାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଜିଲା ଓଷ୍ଟା ସଭାପତି ଚିତ୍ତରଞ୍ଜନ ପଲତା, ଜିଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ଜିଲା କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ, ଜିଲା ସହ ସମ୍ପାଦକ (ସଂଗଠକ) ପ୍ରଭାସ କୁମାର ନାୟକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ନାଏକ. ବିଶ୍ୱଜିତ ବିଶ୍ୱାଳ (କୋଷାଧ୍ୟକ୍ଷ), ସୁଶାନ୍ତ କୁମାର ଗିରି, ଜିଲା ଉପସଭାନେତ୍ରୀ ରିତା ଦାସ, ଖୁଣ୍ଟା ବ୍ଲକ ସମ୍ପାଦକ ସହଦେବ ବେହେରା, କୁଳିଅଣା ବ୍ଲକ ସମ୍ପାଦକ ସୁଦର୍ଶନ ବାରିକ, ଶୁଳିଆପଦା ବ୍ଲକ ସମ୍ପାଦକ ମନୋଜକୃଷ୍ଣ ଧଳ, ଶାମାଖୁଣ୍ଟା ବ୍ଲକ ସମ୍ପାଦକ ବିରେନ୍ଦ୍ର କୁମାର ବେହେରା ଯୋଗ ଦେଇଥିଲେ। ବାଙ୍ଗିରିପୋଷି ବ୍ଲକର ସଭାପତି ଅର୍ଜୁନ କୁମାର ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ସମ୍ପାଦକ ବିକାଶ କୁମାର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅତିଥି ଭାବେ ସ୍ଥାନୀୟ ସରକାରୀ ଉଚ୍ଚବିଦ୍ୟାଳୟର କୁସୁମବନ୍ଧର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପିତାରାଣୀ ସୁର ଓ ସରସ୍ୱତୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ସର୍ବସମ୍ମତି କ୍ରମେ ସଭାପତି ଅର୍ଜୁନ କୁମାର ଦାସ, ଉପସଭାପତି ହରିହର ନାଏକ ଓ ସନ୍ଧ୍ୟାରାଣୀ ପଣ୍ଡା, ସମ୍ପାଦକ ଜ୍ୟୋତି ରଞ୍ଜନ ଗିରି, ଯୁଗସମ୍ପାଦକ ରିତ କୁମାର ଅଧିକାରୀ ଓ ପୁଷ୍ପଲତା ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଶିଷ କୁମାର ଗିରି ଓ ପରମାନନ୍ଦ ପ୍ରହରାଜ, ଜିଲା କାର୍ଯ୍ୟକାରୀ ସଦସ୍ୟ ସୁଭାଶିଷ ପାଲ, ପୀତାମ୍ବର ହାତୀ ଓ ସତ୍ୟଜୀତ ଘୋଷ ମନୋନୀତ ହୋଇଥିଲେ। ନବ ନିର୍ବାଚିତ ପ୍ରତିନିଧିଙ୍କୁ ଜିଲା ଓଷ୍ଟା ସଂଘର ସଭାପତି ଶପଥ ପାଠ କରାଇଥିଲେ।

## ସୁବର୍ଣ୍ଣ ଜୟନ୍ତୀ ସମାରୋହ ଲୋଗୋ ଉନ୍ମୋଚିତ

ରସାଲପୁର, ୨୧।୪(ଶରତ ସାମଲ)

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ଗେଙ୍ଗୁଟି ପଞ୍ଚାୟତ ସାହୁଁ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ରବିବାର ପୂର୍ବାହ୍ନରେ ଲୋଗୋ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସରକାରୀ ଦଳ ଉପ ମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ସମାରୋହର ଲୋଗୋକୁ ଉନ୍ମୋଚନ କରିଥିଲେ। ଆୟୋଜିତ ସଭାରେ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଭାସ୍କର ଚନ୍ଦ୍ର ପରିଡ଼ା ସଭାପତିତ୍ୱ କରିଥିଲେ। ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ବିବରଣୀ ପାଠ କରିଥିଲେ। ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ପ୍ରଥମ ପ୍ରଧାନ ଶିକ୍ଷକ ଓ ପୁରାତନ ଶିକ୍ଷକଙ୍କ ସହିତ ବର୍ତ୍ତମାନର ଶିକ୍ଷକମାନେ ସଭାରେ ଉପସ୍ଥିତ ଥିଲେ। ବିଦ୍ୟାଳୟକୁ



ଲୋଗୋ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି।

ଜମିଦାନ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବିଜୟ କୁମାର ପରିଡ଼ା, ପ୍ରସନ୍ନ କୁମାର ପରିଡ଼ା, ଦେବେନ୍ଦ୍ର କୁମାର ପରିଡ଼ା ଓ ପିତାମ୍ବର ସାମଲଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାକୁ ପରିଚାଳନା କରିବାରେ ରତିକାନ୍ତ ରଥ, ପ୍ରଦୀପ କୁମାର ଦାସ, ସରୋଜ କୁମାର ସେନାପତି, ବିରୁପାକ୍ଷ ମହାପାତ୍ର, ହରିନାରାୟଣ ନନ୍ଦ, ବୃନ୍ଦାବନ ବେହେରା, ଜୟନ୍ତ ମହାନ୍ତି, ସୋମନାଥ ନାୟକ, ରଞ୍ଜନ ଜେନା, କମଳଲୋଚନ ରାଉତ, ହେମେନ୍ଦ୍ର ଗୁଗୁଡ଼ାଇ, ପିତାମ୍ବର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସେଠୀ, ଅନୀଲ ଦାସ, ଜ୍ଞାନେନ୍ଦ୍ର ଶତପଥି, ସଞ୍ଜୀବ ନାୟକ, ସନ୍ନ୍ୟାସୀ ମହାନ୍ତି, ବିଶ୍ୱଜିତ ସେଠୀ, ଜିତେନ୍ଦ୍ର ମହାପାତ୍ର, ବାବାଜୀ ପରିଡାଙ୍କ ସମେତ ବହୁ ପୁରାତନ ଛାତ୍ର ସହଯୋଗ କରିଥିଲେ।

## ଆଜି ରଘୁପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ

ବୈଁଶିଙ୍ଗା,୨୧।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ରଘୁପୁର ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ଭୋଟ ଗ୍ରହଣ କରାଯିବ। ପର୍ଯ୍ୟବେକ୍ଷକ ଭାବେ ବାରିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ରହିବେ। ବେତନଟୀ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଗନ ବିହାରୀ ବେହେରା ଓ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସବ୍ୟସାଚୀ ଦାସ ଏହାକୁ ପରିଚାଳନା କରିବେ। ସୂଚନାଯୋଗ୍ୟ, ସରପଞ୍ଚ ବତୀ ସିଂଙ୍କ ବିରୋଧରେ କ୍ଷମତାର ଅପବ୍ୟବହାର ଓ ଆର୍ଥିକ ଅନିୟମିତତା ନେଇ ତାଙ୍କ ପଦବୀକୁ ଅସିଦ୍ଧ ଘୋଷଣା ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା ଓଡ଼ିଶା ଗ୍ରାମପଞ୍ଚାୟତ ଆଇନର ୧୯୬୪ ୨୪(୨)ଗ ଧାରା ଅନୁଯାୟୀ ରଘୁପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସତନ୍ତ୍ର ବୈଠକ ପାଇଁ ନୋଟିସ ଜାରି କରିଥିଲେ। ତେବେ ଏହାକୁ ନେଇ ସମଗ୍ର ଅଞ୍ଚଳରେ ରବିବାରଠାରୁ ରାଜନୈତିକ ହଟଚମଟ ଲାଗି ରହିଛି। ଅନାସ୍ଥା ଭୋଟର ଫଳାଫଳ ଘୋଷଣାକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

## ଅବକାରୀ ଚଢ଼ାଉ: ୨ ଗିରଫ

ସୋର, ୨୧।୪(ଜନ୍ମେଜୟ ମିଶ୍ର)

ସୋର ଅବକାରୀ ବିଭାଗ ତରଫରୁ ଜାତପଦା ସମେତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଗୁଡପୋଚ ନଷ୍ଟ କରାଯାଇଛି। ଦେଶୀମଦ ଜବତ କରି ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଜାତପଦା ଜଙ୍ଗଲ ଅଞ୍ଚଳରେ ଗଢି ଉଠିଥିବା ମଦ ରନ୍ଧା କାରଖାନା ଉପରେ ଚଢ଼ାଉ କରି ୨ ହଜାର ଲିଟର ଗୁଡପୋଚ ନଷ୍ଟ କରିବା ସହିତ ୧୧୦ ଲିଟର ଦେଶୀମଦ ଜବତ କରିଥିଲେ। ଅଭିଯୁକ୍ତ ଧନୀ ଟୁଡୁଙ୍କୁ ଗିରଫ କରିଥିଲେ। ସେହିପରି ଏହି ଟିମ୍ କେଶରୀପୁର ଗ୍ରାମରେ ଚଢାଉ କରି ଜଗବନ୍ଧୁ ମଲିକଙ୍କ ନିକଟରୁ ୬.୫ଲିଟର ବିଅର ଜବତ କରିଛି। ଜଗବନ୍ଧୁଙ୍କୁ ଗିରଫ କରାଯାଇଥିଲା।

## ବିନା ସୂଚନାରେ ସରିଲା ମିଳିତ ଅଭିଯୋଗ ଶୁଣାଣି ଶିବିର

କାଳିପଦା,୨୧।୪(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ସଭାଗୃହରେ ସୋମବାର ସକାଳ ୮ଟାରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୯୮ଟି ଅଭିଯୋଗ ଆସିଥିଲା। ଅଧିକାଂଶ ଅଭିଯୋଗ ନୂଆ ରାଶନକାର୍ଡ, ପାନୀୟ ଜଳ ସମସ୍ୟା, ଭତ୍ତା, ଜମିଜମା ସମ୍ବନ୍ଧୀୟ, ବେଆଇନ ବାଲି, ମାଟି ଉତ୍ତୋଳନ, ବାଲିଆପାଳ ବ୍ଲକରେ ଅଧିକାରୀଙ୍କ ମରୁଡି ଓ ବିଶେଷ କରି ଅଧିକାଂଶ ଅଭିଯୋଗ ବାଲିଆପାଳରେ ପୋଲିସର ନିଷ୍କ୍ରିୟତା ଉପରେ ଆଧାରିତ ଥିଲା। ଦୀର୍ଘଦିନ ପରେ ବାଲିଆପାଳ ବ୍ଲକରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ସେଥିରେ ପୁଣି ଜିଲାପାଳ ଅନୁପସ୍ଥିତ ରହିଥିବା ବେଳେ ଏସ୍‌ପି ଅଳ୍ପ ସମୟ ପାଇଁ ଉପସ୍ଥିତ ଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଏସ୍‌ପି ରାଜପ୍ରସାଦ, ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡା. ସଞ୍ଜୀବ ପ୍ରଧାନଙ୍କ ସମେତ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକ ପ୍ରମୁଖ ଅଭିଯୋଗ ଶୁଣିଥିଲେ। ବ୍ଲକ ପ୍ରଶାସନ ତରଫରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ହେବାର ସୂଚନା ଦିଆଯାଉ ନ ଥିବାରୁ ଅଭିଯୋଗ ସଂଖ୍ୟା ହ୍ରାସ ପାଉଛି।

**ସଂକ୍ଷେପରେ**

## ସରକାରୀ ଜାଗାରେ ନାଟମଣ୍ଡପ ନିର୍ମାଣ ଅଭିଯୋଗ

ବାଲେଶ୍ୱର, ୨୧।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ପୌରପରିଷଦ ଅଧୀନ ୧୫ନଂ. ୱାର୍ଡରେ ସରକାରୀ ଜାଗାରେ ମନ୍ଦିର ନିର୍ମାଣ ପରେ ନାଟମଣ୍ଡପ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ୱାର୍ଡ କାଉନସିଲର ସନ୍ଧ୍ୟାରାଣୀ ଜେନା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଦ୍ୟାବଧି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଯେଉଁଠାରେ ନାଟ ମଣ୍ଡପ ନିର୍ମାଣ ହେଉଛି ତାର ପଛ ପଟେ ଜଣେ ବ୍ୟକ୍ତିଙ୍କ ବାସଗୃହ ରହିଛି। ନାଟ ମଣ୍ଡପ ନିର୍ମାଣ ପରେ ତାଙ୍କ ପରିବାର କେଉଁ ରାସ୍ତା ଦେଇ ଘରୁ ବାହାରିବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ବିହୀତ ପଦକ୍ଷେପ ଗ୍ରହଣ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ସ୍ୱାସ୍ଥ୍ୟ ପରୀକ୍ଷା, ଜେଆରସି ପ୍ରଶିକ୍ଷଣ ଶିବିର

ବାହାନଗା, ୨୧।୪(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ସରକାରୀ ମଣିଭଦ୍ର ଉଚ୍ଚ ବିଦ୍ୟାଳୟ ପିଏମ୍ ଶ୍ରୀ ବିଦ୍ୟାଳୟ ଭାବେ ମନୋନୀତ ହେବା ପରେ ସେହି ଯୋଜନାରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଜେଆରସି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳେ ଅନୁଷ୍ଠିତ ଶିବିରରେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସ୍ୱର୍ଣ୍ଣଲତା ଗିରି, ମେଡିକାଲ କର୍ମଚାରୀ ଜୟଶ୍ରୀ ବେହେରା, ଶିନେରିତା ରାଉତ, ସରୋଜ କୁମାର ମିଶ୍ର ପ୍ରମୁଖ ବିଦ୍ୟାଳୟର ଉପସ୍ଥିତ ରହି ଶତାଧିକ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ରାଜ୍ୟସ୍ତରୀୟ ଜେଆରସି ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକ, ଜିଲାସ୍ତରୀୟ ଜେଆରସି ପ୍ରଶିକ୍ଷକ ମିହିର କୁମାର ପାଣିଗ୍ରାହୀ ଓ ଶୁଭ୍ରାଂଶୁ ଶେଖର ମଲ୍ଲିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କିରଣ ବାଳା ମଲ୍ଲିକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଆୟୋଜନ କରିଥିଲେ।

# ପାନୀୟଜଳ ସଙ୍କଟ: ମହିଳାଙ୍କ ହୋହଲ୍ଲା

ବସ୍ତା, ୨୧।୪(ହରିଶଙ୍କର ପାଢ଼ି)


ବ୍ଲକ ଅଫିସରେ ଦାବିପତ୍ର ପ୍ରଦାନ କରାଯାଉଛି।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ରାଉତପଡ଼ା ପଞ୍ଚାୟତ ଅଧୀନ ତଳ ବାରାପାଳ ଗ୍ରାମରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ଏହି ଗାଁରେ ୬ଟି ନଳକୂପ ଥିଲେ ମଧ୍ୟ ସମସ୍ତ ନଳକୂପ ଅଚଳ ହୋଇପଡ଼ିଛି। ବସୁଧା ଯୋଜନାର ପ୍ରକଳ୍ପ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ପ୍ରଚଣ୍ଡ ଗ୍ରୀଷ୍ମରେ ଲୋକମାନେ ପିଇବା ପାଣି ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପ୍ରତିବାଦରେ ଗ୍ରାମର ଶତାଧିକ ମହିଳା ସୋମବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ହୋ-ହଲ୍ଲା କରିଥିଲେ। ସମସ୍ୟାର ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପଞ୍ଚାୟତ କଂଗ୍ରେସ ସଭାପତି ପ୍ରଦୀପ ଦେଙ୍କ ନେତୃତ୍ୱରେ ମହିଳାମାନେ ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ନିର୍ବାହୀଯନ୍ତ୍ରୀଙ୍କ ସହିତ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା, ପୂର୍ବତନ ସମିତି ସଭ୍ୟ ରବୀନ୍ଦ୍ର ଦାସ, ସଞ୍ଜୀବ ମହାନ୍ତି, ଅରୁଣ ମଣ୍ଡଳ, ମହିଳାନେତ୍ରୀ ଝିଲ୍ଲି ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୭ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ୩୨ ଗାଁରେ ନାହିଁ ପିଇବା ପାଣି

ଜଳେଶ୍ୱର,୨୧।୪(ନବୀନ ସାହୁ)

ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ଲାଗି ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଉଛି, ହେଲେ ଏମିତି ଗାଁ ଅଛି ଯେଉଁଠି ପିଇବା ପାଣି ସ୍ୱପ୍ନ ପାଲଟିଛି। ଜଳେଶ୍ୱର ବ୍ଲକର ୩୨ଟି ଗାଁରେ ପିଇବା ପାଣି ସୁବିଧା ନାହିଁ। ଶ୍ୟାମନଗର ପଞ୍ଚାୟତର ବାଉଁଶବଣୀ, ଆମ୍ବିସୋଲ, ତଳକାଲାଯୋଡ଼ି, ସୁକୋଯୋଡ଼ି, ଚନ୍ଦ୍ରପୁର, ଧାନଘେରା, କେନ୍ଦୁବଣୀ ସରାଳିବସା, ସାକିଲା ସାହି, ସର୍ଦ୍ଦାରବନ୍ଧ ପଞ୍ଚାୟତର ବିଶ୍ୱନାଥପୁର, ପଥରଚାଟିଆ, ପଳାଶବଣୀ ଏବଂ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ମାଗୁଣିଆପଡ଼ା, ପୋଖୋରି ଆଡ଼ିସାହି, ଚମାର ଗାଁ ପଞ୍ଚାୟତର କୁମଆ, ନୂଆସାହି, କଣ୍ଟାବଣି, ତରାଦିକ୍ ଏବଂ ବରଡିହା ପଞ୍ଚାୟତର ଭୋଲୋ, ବାଘୁଡ଼ିପଦା, ଖିରକୋଲସାହି, ଉପରବାଗବୁଡ଼ା, ରଙ୍ଗାମାଟିଆ, ଦୁଧିଆସୋଲ, ମାରୁଡିହ, ବଣସାହିଏବଂ କାଳିକ ପଞ୍ଚାୟତର ତେନ୍ତୁଲା, ଉପରତୋଟା, ଖୁଆଡ଼ ଉପର ଡେମ୍ପୁରୁବଣୀ ସହିତ ଓଲମରା ଏବଂ କଳମାରେ ପାଣି ସଙ୍କଟ ଦେଖାଦେଇଛି। ଅସହ୍ୟ ଗରମରେ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ଜଳେଶ୍ୱର ଡିଭିଜନ୍‌ର ଅଧିକାରୀ ଶେଷନାଗ ପ୍ରଧାନଙ୍କୁ ଯୋଗାଯୋଗ କରାଯିବାରୁ ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ବେଆଇନ ବାଲି ବୋଝେଇ ଡମ୍ଫର ଜବତ

ସୋର, ୨୧।୪(ଜନ୍ମେଜୟ ମିଶ୍ର): ସୋର ପୌରପାଳିକା ଅଧୀନ ବରଫକଳ ଛକ ନିକଟରୁ ଏକ ବାଲି ବୋଝେଇ ଡମ୍ଫରକୁ ସୋର ଅତିରିକ୍ତ ତହସିଲଦାର ଜବତ କରିଛନ୍ତି। ସୋର ଅତିରିକ୍ତ ତହସିଲଦାର ଦୈତାରୀ ମଲିକ ଏକ ଟିମ୍ ସହ ବରଫକଳ ଛକ ନିକଟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବାଲି ବୋଝେଇ ଡମ୍ଫରଗୁଡିକର କାଗଜପତ୍ର ଯାଞ୍ଚ କରିଥିଲେ। ଡମ୍ଫର (ନଂ.ଓଡି ୨୨ ଏନ ୬୩୮୧)ରେ ବେଆଇନ ଭାବେ ବାଲି ପରିବହନ କରୁଥିବା ଜାଣିପାରି ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିଛନ୍ତି। ତେବେ ଡମ୍ଫର ନିକଟରୁ ଜରିମାନା ଆଦାୟ ପରେ ଗାଡିଟିକୁ ଛଡ଼ାଯିବ ବୋଲି ଖଣି ବିଭାଗ ତରଫରୁ ସୂଚନା ମିଳିଛି।

# ନିମିକି ସଡ଼କରେ ବଢୁଛି ଛିନ୍‌ତାଇ, ଡକାୟତି



ଖବରଦାତା ସମ୍ମିଳନୀରେ ପରିଷଦର କର୍ମକର୍ତ୍ତା।

ବାଲେଶ୍ୱର, ୨୧।୪(ବାଞ୍ଛାନିଧି ଦେ)

ବାସୁଦେବପୁରରୁ ବାଲେଶ୍ୱର ବଙ୍କାଖେଜୁରୀ ଛକ ପର୍ଯ୍ୟନ୍ତ ଲମ୍ବିଥିବା ୫୨ କି.ମି. ବିଶିଷ୍ଟ ନିମିକି ସଡ଼କ ପାଲଟିଛି ଅପରାଧୀଙ୍କ ଚରାଭୂଇଁ। ଏହି ସଡ଼କ ଜିଲାର ୭ଟି ଥାନା ଅଧୀନରେ ଥିବାବେଳେ ଛିନ୍‌ତାଇ, ଡକାୟତି ଓ ଗୋଚାଲାଣ ବୃଦ୍ଧି ପାଉଛି। ଏଥିସହ ଚୋରା ମଦ ଓ ବ୍ରାଉନସୁଗାର ବ୍ୟବସାୟ ବଢ଼ି ଚାଲିଛି। କେବଳ ମାମଲା ରୁଜୁ କରି ପୋଲିସ ଚୁପ୍ ରହୁଛି। ଏହାର ପ୍ରତିବାଦ କରି ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ପୂର୍ବାଞ୍ଚଳ ବିକାଶ ପରିଷଦ। ଏନେଇ ସୋମବାର ପୂର୍ବାହ୍ନ ୧୧ଟାରେ ବାଲେଶ୍ୱର ଷ୍ଟେଶନ କ୍ଲବ ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ପରିଷଦର ଆବାହକ ବିପିନ ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଯୁବନେତା ସିମନ ଦାସମହାପାତ୍ର ଓ ବିପ୍ଳବ କେଶରୀ ଯାଦବ ଉପସ୍ଥିତ ଥିଲେ।

ବାଲେଶ୍ୱର ଜିଲାର ଅନନ୍ତପୁର, ଗୋପାଳପୁର, ସୋର, ଖନ୍ତାପଡ଼ା, ସଦର, ଚାନ୍ଦିପୁର ଓ ଟାଉନ ଥାନା ଅଧୀନରେ ଏହି ସଡ଼କଟି ଯାଇଛି। ଅଧିକାଂଶ ସମୟରେ

**ମାମଲା ରୁଜୁ କରି ପୋଲିସ ଚୁପ୍**

ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ଆକ୍ରମଣ କରି ଜନସାଧାରଣଙ୍କଠାରୁ ଲୁଟ୍‌ପାଟ୍ ଚଳାଇଛନ୍ତି। ବର୍ଷକ ମଧ୍ୟରେ ୨ଶହରୁ ଉର୍ଦ୍ଧ୍ୱ ଛିନ୍‌ତାଇ ହୋଇଛି। ଗୋ-ଚାଲାଣକାରୀମାନେ ରାସ୍ତାରେ ବୁଲୁଥିବା ଷଣ୍ଢ ଓ ବୁଲା ଗୋରୁଙ୍କୁ ଚୋରି କରି ଚାଲାଣ କରୁଛନ୍ତି। ବାରମ୍ବାର ଅଭିଯୋଗ ପରେ ରାତ୍ରି ପାଟ୍ରୋଲିଂ ବ୍ୟବସ୍ଥା ହେଉନାହିଁ ବୋଲି ସମ୍ମିଳନୀରେ କୁହାଯାଇଛି। ଜନସାଧାରଣଙ୍କ ନିରାପତ୍ତା ଓ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ୨୪ ଘଣ୍ଟିଆ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ସହ କାନକଟାଠାରେ ନୂଆ ଫାଣ୍ଡି ପ୍ରତିଷ୍ଠା ଦାବି ହୋଇଛି। ଗୋପାଳପୁର ଥାନାର ପରିସୀମା ବୃଦ୍ଧି, କସବା ଫାଣ୍ଡିକୁ ଥାନାରେ ପରିଣତ କରିବା ସହ ଦୁର୍ନୀତିଗ୍ରସ୍ତ ଓ ଲାଞ୍ଚଖୋର୍ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ପରିଷଦ ତରଫରୁ ଆଇନ ଅମାନ୍ୟ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଡିଜି, ଡିଆଇଜି, ଏସ୍‌ପି, ଜିଲାପାଳ, ଏମ୍‌ପି ଓ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି।

# ଅନ୍ତରା, ବିଷ୍ଣୁମୋହନଙ୍କ ଗୀତରେ ଝୁମିଲେ ଦର୍ଶକ


ଅତିଥିମାନଙ୍କ ଦ୍ୱାରା ମୁଖପତ୍ର 'ବରଦାୟିନୀ' ଉନ୍ମୋଚନ କରାଯାଉଛି।

ଖଇରା, ୨୧।୪(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ବରଦାସ୍ଥିତ ମା' ଭଗବତୀ ଉଚ୍ଚ ବିଦ୍ୟାପୀଠର ୩ଦିନିଆ ରଜତ ଜୟନ୍ତୀ ଉତ୍ସବ ରବିବାର ସନ୍ଧ୍ୟାରେ ନାଚଗୀତର ଆସର ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଗାୟିକା ଅନ୍ତରା ଚକ୍ରବର୍ତ୍ତୀ, ଦେବାଶିଷ ପତି ତଥା ଶେଷଦିନର ଗାୟକ ପ୍ରଭୁପାଦ ଓ ବିଷ୍ଣୁମୋହନ କବି, ଗାୟିକା ସୌମ୍ୟା ଆକର୍ଷଣର କେନ୍ଦ୍ର ସାଜିଥିଲେ। ଶୁକ୍ରବାର ବର୍ଷା ଯୋଗୁ କାର୍ଯ୍ୟକ୍ରମ ସ୍ଥଗିତ ରହିଥିବା ବେଳେ ଶନିବାର ଦ୍ୱିତୀୟ ସନ୍ଧ୍ୟାର ଉଦ୍‌ଘାଟନୀ ସମାରୋହରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପୁହାଣ

**ବରଦା ମା' ଭଗବତୀ ହାଇସ୍କୁଲ ରଜତ ଜୟନ୍ତୀ**

ପୌରୋହିତ୍ୟ କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ସ୍ୱାମୀ ଶ୍ରୀକୃଷ୍ଣାନନ୍ଦ ଗିରି ମହାରାଜ ମୁଖ୍ୟବକ୍ତା, ବିବିସିବି ସଭାପତି ଗଣେଶ ପ୍ରସାଦ ମହାପାତ୍ର, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ସମ୍ମାନନୀୟ ଅତିଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ନାରାୟଣ ସେନାପତି ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇଥିଲେ। ମୁଖପତ୍ର ବରଦାୟିନୀ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟବକ୍ତା, ଶିକ୍ଷକ ସଂଘର ଜିଲା ସଭାପତି ଭାଗବତ ପ୍ରସାଦ ମହାନ୍ତି, ଓଷ୍ଟାର ବ୍ଲକ ସମ୍ପାଦକ ବିଷ୍ଣୁମୋହନ ମିଶ୍ର, ସରପଞ୍ଚ ପରୀକ୍ଷିତ ମହାପାତ୍ର, ସମିତିସଭ୍ୟ ଅକ୍ଷୟ ଜେନା, ପ୍ରତିଷ୍ଠାତା ବ୍ରଜକିଶୋର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ପାଚିକା ସହାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଆବିର୍ଭାବ ଉତ୍ସବ

ଖଇରା, ୨୧।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରଡାଙ୍ଗ ସତସଙ୍ଗ ଉପଯୋଜନା କେନ୍ଦ୍ର ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ସାରଡାଙ୍ଗ ଖେଳ ପଡିଆରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୭ତମ ଆବିର୍ଭାବ ଉତ୍ସବ ପାଳିତ ହୋଇଯାଇଛି। ସହପ୍ରତିରିତ୍ୱିକ ରବିନାରାୟଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ମଣିଷର ଦୈନିକ ଜୀବନଧାରାରେ ଠାକୁର ବାଣୀର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ସହପ୍ରତିରିତ୍ୱିକ ମହେଶ୍ୱର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଷ୍ଣୁମୋହନ ଉପାଧ୍ୟାୟ, ନରେନ୍ଦ୍ର ପଣ୍ଡା, ପ୍ରତାପ ଚନ୍ଦ୍ର ବେହେରା, ରଘୁନାଥ ଘଡେଇ, ଦୁର୍ଯୋଧନ ନାୟକ ତଥା ସମସ୍ତ ଗୁରୁଭାଇ ଓ ମାତୃମଣ୍ଡଳୀ ପରିଚାଳନାରେ ସହଯୋଗ କରିଥିଲେ।

**ମୟୂରଭଞ୍ଜ**

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ମୋରଡ଼ା,୨୧।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଞ୍ଚଳରେ ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଚିତ୍ରଡ଼ା ପଞ୍ଚାୟତ ଧଡ଼ାସାହି ଗ୍ରାମର ଗଣେଶ ଟୁଡୁ(୪୫)। ସୂଚନା ଅନୁଯାୟୀ, ଗଣେଶ ପ୍ରତିଦିନ ପରି ସୋମବାର ଭୋର ୪ଟାରୁ ରାସଗୋବିନ୍ଦପୁରସ୍ଥିତ ଏକ ଇଟାଭାଟିକୁ କାମ କରିବାକୁ ଘରୁ ବାହାରି ଥିଲେ। ସ୍ଥାନୀୟ କଲଣି ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପାଖାପାଖି ୧୦୦ ମିଟର ଦୂରକୁ ଘୋଷାରି ନେଇ ପଳାଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଗଣେଶଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଇ ତଦନ୍ତ ଜାରି ରଖିଛନ୍ତି। ଏନେଇ ଗଣେଶଙ୍କ ଭାଇ ଦୁବାଇ ଟୁଡୁଙ୍କ ଲିଖିତ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୧୦୫/୨୫) ରୁଜୁ ହୋଇଛି। ସେହିପରି ଖୁରୁଣ୍ଟିଆ ଛକ ନିକଟସ୍ଥ ଭଞ୍ଜା ସିଂଙ୍କ ଘର ଭିତରକୁ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ପଶି ଯାଇଥିବା ଦେଖିବାକୁ ମିଳିଛି। ଏହି ଦୁର୍ଘଟଣାରେ ଭଞ୍ଜାଙ୍କ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୋରଡ଼ା ପୋଲିସ ପହଞ୍ଚି ଟ୍ରାକ୍ଟରକୁ ଜବତ କରିବା ସହିତ ଡ୍ରାଇଭର କାରୁ ହେମ୍ବ୍ରମଙ୍କୁ ଅଟକ ରଖିଛି।

# ଶୃଙ୍ଖଳିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆଣ୍ଟି ରାଗିଂ ଉପରେ ପରାମର୍ଶ କାର୍ଯ୍ୟକ୍ରମ**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨୧।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆଣ୍ଟି ରାଗିଂ ଉପରେ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ପାଇଁ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ବିଶ୍ୱବିଦ୍ୟାଳୟର ଇତିହାସରେ ରାଗିଂ ଘଟଣା ନ ଘଟିଥିବା ଆନନ୍ଦର ବିଷୟ ବୋଲି ମତଦେବା ସହ ଛାତ୍ରୀଛାତ୍ରମାନଙ୍କୁ ବିଶ୍ୱବିଦ୍ୟାଳୟକୁ ନିଜ ଘର ମନେ କରି ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଗିଂ ବିରୋଧୀ କମିଟିର ସଦସ୍ୟ ଯଥା ହଷ୍ଟେଲର ୱାର୍ଡେନ ପ୍ରଫେସର ମିନତୀ ମଲ୍ଲିକ, ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଇନ୍ଦ୍ରଜିତ ନାୟକ, ଭାରପ୍ରାପ୍ତ କୁଳସଚିବ ତଥା ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ସହକାରୀ କୁଳସଚିବ ସଞ୍ଜୀବ ତନ୍ତୀ, ସବ୍ କଲେକ୍ଟର ଦୟାସିନ୍ଧୁ ପରିଡ଼ା, ବାରିପଦା ଭଞ୍ଜପୁର ଥାନା ଆଇଆଇସି ଅଜୟ କୁମାର ଜେନା ଓ ସାମ୍ବାଦିକ ସତ୍ୟଜିତ ସୋମ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ରାଗିଂ ବିରୋଧୀ କମିଟିର ସଦସ୍ୟ ଡ. କୁକୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, ସ୍ନାତକୋତ୍ତର ଛାତ୍ରୀଛାତ୍ର ଓ ଅଣଶିକ୍ଷକ କର୍ମଚାରୀମାନେ ଯୋଗ ଦେଇଥିଲେ।

## ପୋଖରୀରେ ବୁଡ଼ି ନାବାଳକ ମୃତ

ରାଇରଙ୍ଗପୁର,୨୧।୪(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନାକି ଗ୍ରାମର ଏକ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଜାମସେଦପୁର ପର୍ଶୁଡିହି ଥାନା ଅଧୀନ ଗୋଲାପଟି ଗ୍ରାମର ରାଜୁ ପାତ୍ରଙ୍କ ପୁଅ ଅଭିଷେକ(୧୧)। ସେ ନାକି ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଗ୍ରାମ ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯାଇ ବୁଡ଼ି ଯାଇଥିଲେ। ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୨୫) ରୁଜୁ ହୋଇଛି।

# ଅଭିଯୋଗ ଶୁଣାଣି ଶିବିର

କରଞ୍ଜିଆ,୨୧।୪(କବିତା ମହାନ୍ତ)

କରଞ୍ଜିଆଠାରେ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ଦ୍ୱାରା ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୦୦ଟି ଅଭିଯୋଗ ଆଗତ ହୋଇଥିଲା। ସେଥି ମଧ୍ୟରୁ ୮୨ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୮ଟି ଗୋଷ୍ଠୀଗତ ଥିଲା। ୨ଟି ଅଭିଯୋଗର ତତ୍କାଳ ଶୁଣାଣି ହୋଇଥିଲା ଓ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ କରଞ୍ଜିଆ ଏନଏସି ୬ନଂ.ୱାର୍ଡର ପାର୍ବତୀ ପାତ୍ରଙ୍କୁ ୫୦୦୦ ଟଙ୍କା ସହାୟତା ଦିଆ ଯାଇଥିଲା। ଏହି ଶିବିରରେ ଉପ ଜିଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ସହିତ ସହକାରୀ ଉପଜିଲାପାଳ ପ୍ରକାଶ ଚନ୍ଦ୍ର ଦାସ, ଉପଖଣ୍ଡ ପୋଲିସ ଅଧିକାରୀ ନବ କିଶୋର ନାଏକ, ପିଏ ଆଇଟିଡିଏ ଚିତ୍ତ ରଞ୍ଜନ ମହାନ୍ତ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ଅନିତା ସିଂ, ଶୁକ୍ଳି ତହସିଲଦାର ଯତୀନ୍ଦ୍ର ନାଥ


ଜିଲାପାଳ ଓ ଏସ୍‌ପି ଅଭିଯୋଗ ଶୁଣାଣି କରୁଛନ୍ତି।

ସେଠି, , ଆର୍‌ଡବ୍ଲୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଦେଓ ନଦୀବନ୍ଧ ଯୋଜନାର ଅଧୀକ୍ଷଣ ଯନ୍ତ୍ରୀ ସୁରଜ କୁମାର ପାତ୍ର, ବିଦ୍ୟୁତ୍ ବିଭାଗ ଏସଡିଓ ଶୌରଶୁ ପରିଡା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସହକାରୀ ଜିଲାପାଳ ନିହାର ରଞ୍ଜନ ସେଠୀ, ସହକାରୀ ଜିଲାପାଳ ରଶ୍ମିତା ଜେନା, ୫ଟି ବ୍ଲକର ବିଡିଓ ତଥା ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର ଧୀରେନ କୁମାର ଭୋଇ, ସମେଶ ମହାନ୍ତ, ଦିଲ୍ଲୀପ କୁମାର ପଳେଇ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଓଡ଼ିଶା ଦଳରେ ମୟୂରଭଞ୍ଜର ୩ ମହିଳା ଖେଳାଳି

**ଜାତୀୟ ରଗବୀ ପ୍ରତିଯୋଗିତା**

ବାରିପଦା,୨୧।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ): ଆସାମର ଗୌହାଟୀଠାରେ ଚଳିତ ମାସ ୨୩ ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ରଗବୀ ପ୍ରତିଯୋଗିତା-୨୦୨୫ ମହିଳା ବିଭାଗରେ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ୩ ମହିଳା ଖେଳାଳି ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ସନ୍ଧ୍ୟାରାଣୀ ଟୁଡୁ, ସୁନୀତା ହାଁସଦା ଓ ଲିଲମୁନି ହାଁସଦା। ଏହି ସଫଳତା ପାଇଁ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ,ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ,ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, କୋଚ୍ ରୁପାଲୀ ସୋରେନ, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ବହୁ କ୍ରୀଡ଼ାବିତ ୩ ମହିଳା ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।



ଓଡ଼ିଶା ଦଳରେ ସ୍ଥାନ ପାଇଥିବା ୩ ମହିଳା ଖେଳାଳି।

# ସରିଲା ବଳାଙ୍ଗୀ ମହୋତ୍ସବ

ବାରିପଦା,୨୦।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାଠାରେ ଏପ୍ରିଲ ୧୪ ମହାବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ମୟୂରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି।ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ସମ୍ମାନିତ ଅତିଥି ଭାବେ ଶିକ୍ଷବିତ ମୂର୍ଚ୍ଛନା ଦାସପଟ୍ଟନାୟକ, ଖବରଦାତା ସୌରଭ ପଟ୍ଟନାୟକ, ଶଶୀକାନ୍ତ ମିଶ୍ର, ପଣ୍ଡିତ ଭାଗବତ ପଣ୍ଡା, ପ୍ରାଧ୍ୟାପକ ଗୀତିକାର ସୁନୀଲ କୁମାର ଜେନା, ମହୋତ୍ସବ କମିଟିର ଅଧ୍ୟକ୍ଷ ଅରବିନ୍ଦ ଦାସ, ଉପାଧ୍ୟକ୍ଷ ରାଜୀବ ରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି



ଉଦଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

କହିଥିଲେ। ଏହା ସହିତ ବାରିପଦାଠାରେ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମସ୍ଥଳୀରେ ଦୀର୍ଘ ୨୩ ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୂରଭଞ୍ଜ ଜିଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସୁଛି ବୋଲି କହିଥିଲେ। ସହ ସମ୍ପାଦକ ଡ. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

ଏହି ଅବସରରେ ଯୁବ ପ୍ରତିଭା ପିଣ୍ଟୁ ମାଇତି, ସାହିତ୍ୟିକ ପ୍ରଫେସର ବବ୍ରୁବାହାନ ମହାପାତ୍ର, ତୃପ୍ତି ଦାସ, ଡ. ଭାଗବତ ଲେଙ୍କା ଏବଂ ବିଜୟ କୁମାର ରାମ୍, ମେଳାର ପ୍ରତିଷ୍ଠାତା ସଦସ୍ୟ ସର୍ବେଶ୍ୱର ଶତପଥୀ, ସାମ୍ବାଦିକ ସନ୍ତୋଷ କୁମାର ବାଛିନୀ ଏବଂ କର୍ଣ୍ଣାର୍ଜୁନ ସାହା, ପୂଜାକର୍ତ୍ତା ରାଜୀବ ରଞ୍ଜନ ସେନାପତି ଏବଂ ସାଗରୀକା ସେନାପତି, ମୂର୍ତ୍ତି କାରିଗର ଶୋଭାକର ବେହେରା, ଦୁଖିଆ ଦେହୁରୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟିର ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବର୍ଗର କଳାକାରଙ୍କର ନୃତ୍ୟ ସହ ଜିଲା ତଥା ଜିଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥିଲେ। ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମରେଶ ନାୟକ, ଉପାଧ୍ୟକ୍ଷ ମିଥୁନ ବାରିକ, ସମ୍ପାଦକ ସନତ ବାରିକ, ସଦସ୍ୟ ପଦ୍ମନାଭ ମହାପାତ୍ର, ଦିଲ୍ଲୀପ ପାତ୍ର, ରମାକାନ୍ତ ରାଉତ ପ୍ରମୁଖଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ମେଳା ପରିଚାଳନାରେ ସହଯୋଗ କରିଥିଲେ।

